

ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ
- ବ୍ୟାସଦେବ



# ମରାମତି ନାଁରେ ଅର୍ଥ ହଡ଼ପ

**ଚଣ୍ଡିଖୋଲ,୩୧।୩(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁରଠାରୁ କଟକ ଜିଲାର କୁଆଁପାଳ ପର୍ଯ୍ୟନ୍ତ ଦୀର୍ଘ ୭ କି.ମି. ରାସ୍ତା କଟକ ପୂର୍ତ୍ତ ବିଭାଗ ଡିଭିଜନ- ୨ ଅଧୀନରେ ରହିଛି। ଏହି ରାସ୍ତାର ପୁନରୁଦ୍ଧାର ପାଇଁ ୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ରାସ୍ତାମଝିରେ ଗଛ ଓ କଲଭର୍ଟ ଥିବାବେଳେ ଏହାକୁ ନ ଉଠାଇ ପ୍ରଶସ୍ତୀକରଣ କରାଯିବା ଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିଲା। ପଚ୍ଚାମୁଣ୍ଡାଇ କେନାଲ ପାର୍ଶ୍ୱକୁ ଖୋଳି ଗାର୍ଡୱାଲ ନିର୍ମାଣ କରିବା ଯୋଗୁ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ବିବାଦ ଘନୀଭୂତ ହୋଇଥିଲା। ସେହିପରି ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ବିନା ଅନୁମତିରେ ଏହି ରାସ୍ତାର କୁସୁପୁର-ବାଗସରପୁର ମଧ୍ୟରେ ଠିକାଦାର କେନାଲ ଅଂଶକୁ ଖୋଳି ଗାର୍ଡୱାଲ ନିର୍ମାଣ କରିବାକୁ ମସୁଧା କରୁଥିଲେ। ଫଳରେ ଜଳସମ୍ପଦ ବିଭାଗର ବାଲିଚନ୍ଦ୍ରପୁର ସେକ୍ସନ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ଓଝା ଓ ନୃର୍ତ୍ତାଙ୍ଗ ଉପନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ ଗତ ୧୭ ତାରିଖରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା ଓ ସାଲେପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଦାସଙ୍କ ନାମରେ ମାହାଙ୍ଗା ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲା ଗ୍ରହଣ କରି ତୁରନ୍ତ ଉଭୟଙ୍କୁ ଡାକି ଖୋଳିଥିବା ସ୍ଥାନ ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ପୂର୍ତ୍ତ ବିଭାଗ ଖୋଳିଥିବା କେନାଲ ଅଂଶକୁ ପୋତିବା ଆରମ୍ଭ କରିଛି। ତେବେ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ତୁରନ୍ତ ଏହାର ତଦନ୍ତ କରାଯାଇ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଜଗତପୁର-ପଚ୍ଚାମୁଣ୍ଡାଇ କେନାଲ କଡ଼େ କଡ଼େ ବିରୂପା ନଦୀବନ୍ଧ ଉପରେ ରହିଛି କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତା। ଏହି ରାସ୍ତାକୁ ଗତ କିଛି ବର୍ଷ ତଳେ ଜଳସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିଲା। ପୂର୍ତ୍ତ ବିଭାଗ ଅଧୀନକୁ ଆସିବା ପରେ ରାସ୍ତାର ମରାମତି କରାଯିବା ସହ ୨୦୧୮-୧୯ ଆର୍ଥିକ ବର୍ଷରେ ରାସ୍ତାର ନବୀକରଣ କରିବା ସହ ପ୍ରଶସ୍ତ କରିବା ପାଇଁ ୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ପ୍ରଶସ୍ତୀକରଣ କରିବା ନାମରେ ରାସ୍ତା ଉପରେ ଥିବା କଲଭର୍ଟ ସ୍ଥାନାନ୍ତର ନ କରି ର ଠ କରି କାମ କରିଯାଇଥିଲେ। ଯଦ୍ୱାରା ଦୁର୍ଘଟଣାରେ ୨ ଜୀବନ ଯିବା ସହ ବହୁ ବାଇକ ଚାଳକ ଆହତ ହୋଇଥିଲେ। ଏପରି କି ବାଲିଚନ୍ଦ୍ରପୁର ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା ଦୁର୍ଘଟଣାର ସମ୍ମୁଖୀନ ହୋଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କଟକ ପୂର୍ତ୍ତ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ସୁଧୀର ପଣ୍ଡାଙ୍କୁ ପଚାରିବାରୁ, ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ କଲଭର୍ଟ ସ୍ଥାନାନ୍ତର ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିସହ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ହୋଇଥିବା ବିବାଦର ସମାଧାନ ହୋଇଯାଇଥିବା ପ୍ରକାଶ କରିଛନ୍ତି।

**ବାଲିଚନ୍ଦ୍ରପୁର- କୁଆଁପାଳ ରାସ୍ତା**



- ୭ କି.ମି. ରାସ୍ତା ମରାମତି ପାଇଁ ୭ କୋଟି ବ୍ୟୟବରାଦ
- ଜଳସମ୍ପଦ ଓ ପୂର୍ତ୍ତ ବିଭାଗ ମଧ୍ୟରେ ବିବାଦ

## ସଂକ୍ଷେପରେ

### କୃଷି ସମବାୟ ସମିତି ବାର୍ଷିକ ଅଧିବେଶନ

**ରଘୁନାଥପୁର, ୩୧।୩ ଡି.ଏନ.ଏ.)-** ରଘୁନାଥପୁର ଶାଖା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ପୁରୁଣାବସନ୍ତ କୃଷି ସମବାୟ ସମିତି ଦେଉଳିସାହିର ବାର୍ଷିକ ଅଧିବେଶନ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ସଭା ପରିଚାଳିତ ହୋଇଥିଲା। ଏଥିରେ ପୁରୁଣାବସନ୍ତ, ଦେଉଳିସାହି, ଗହ୍ଲାପୁର ପ୍ରଭୃତି ରାଜସ୍ୱ ଗାଁରେ ଚାଷୀ ଓ ସମସ୍ତ ବୋର୍ଡ ଡାଇରେକ୍ଟରମାନେ ଉପସ୍ଥିତ ଥିଲେ। ସମିତି ପରିଚାଳନା, ଋଣ ଦେଣନେଣ ଓ ବାର୍ଷିକ ଆୟବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମିତି ଜରିଆରେ ବିଭିନ୍ନ ଯୋଜନା ମାଧ୍ୟମରେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଥିବା ସୁବିଧା ସୁଯୋଗ ସମ୍ପର୍କରେ ସଭାପତି ସାହୁ ପ୍ରକାଶ କରିଥିଲେ। ସମ୍ପାଦକ ଗଣେଶ୍ୱର ସାହୁ ବାର୍ଷିକ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଋଣ ଓ ଅସୁଲ ସମ୍ପର୍କରେ ତଥ୍ୟ ରଖିଥିଲେ। କର୍ମଚାରୀ ବିଜୟ କୁମାର ସାହୁ ସମିତି ପକ୍ଷରୁ ସମସ୍ତ ଉପସ୍ଥିତ ଚାଷୀ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଭାରତୀରେ ଗ୍ରୀଷ୍ମ ଶିବିର

**କୁଜଙ୍ଗ, ୩୧।୩(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ବାଳକୃଷ୍ଣ ଚୌଧୁରୀ ମେମୋରିଆଲ ସ୍କୁଲ ବିଦ୍ୟା ଭାରତୀର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ବିଜ୍ଞାନ ମେଳା ଓ ଗ୍ରୀଷ୍ମ ଶିବିର ସହ ବାର୍ଷିକ ମୁଖପତ୍ର ପଦ୍ମାଳି ଉନ୍ମୋଚିତ ହୋଇଛି। ବିଦ୍ୟାଳୟ ଅଧକ୍ଷା ସ୍ୱପ୍ନଲତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ପରିବେଶବିତ୍ ତଥା ଇଫ୍‌କୋର ଡିଜିଏମ୍ ଜ୍ଞାନଚାନ୍ଦ ଆଚାର୍ଯ୍ୟ ମୁଖ୍ୟଅତିଥି, ସାମାଜିକ କର୍ମୀ ନଳିନୀ କୁମାର ସ୍ୱାଇଁ ଅନ୍ୟତମ ଅତିଥି, ବିନୋଦ ବିହାରୀ ମୁଦୁଲି ମୁଖ୍ୟବକ୍ତା, ଗରେଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ଚୌଧୁରୀ ପଦ୍ମନାଭ ମିଶ୍ର, ବ୍ଲକ ଓଷ୍ଟାର ସଭାପତି ସୁଧିର କୁମାର ସାମଲ, ଶ୍ରୀବଲ୍ଲଭ କର, ବିଭୂତିଭୂଷଣ ମହାପାତ୍ର, ଚିନ୍ମୟୀ ପଟ୍ଟନାୟକ, ଅକ୍ଷୟ କୁମାର ନାୟକ, ରଘୁନାଥ ଓତା, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଶିକ୍ଷା କମିଟି ଉପସଭାପତି ବିଭୂତି ଭୂଷଣ ଦାସ, ସନ୍ତୋଷ ଆଚାର୍ଯ୍ୟ, ଝୁମ୍ପା ଦେଇ ଓ ଭୁବନେଶ୍ୱରୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଣତୀ ଦେବୀ ଧନ୍ୟବାଦ ଦେଇଥିଲେ। ଶେଷରେ କୁନି କୁନି ଶିଶୁମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଶିକ୍ଷକ ସତ୍ୟଜିତ୍ ମହାପାତ୍ର ପୁରସ୍କୃତ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଶଶିରେଖା ମହାପାତ୍ର ଓ ଶ୍ରେଷ୍ଠ ଛାତ୍ରୀ ଅଲିଭା ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା।

### ନାମଯଜ୍ଞ ସଂସ୍କାର ସମିତି ବାର୍ଷିକ ସମ୍ମିଳନୀ

**ବାଲିକୁଦା,୩୧।୩(ସ୍ୱ.ପ୍ର.):** ଅଡଙ୍ଗା ପଞ୍ଚାୟତ କୋଳଦାସ୍ଥିତ ଶ୍ରୀ ଶ୍ରୀ ସାଧୁବ୍ରହ୍ମ ପୀଠ (ନିମବନୀକା) ଠାରେ ବାଲିକୁଦା ନାମଯଜ୍ଞ ସଂସ୍କାର ସମିତି ସଂକୀର୍ତ୍ତନ ମହାମଣ୍ଡଳର ୨୯ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳି ତଥା କୋଳଦା ଗ୍ରାମବାସୀଙ୍କ ସହଯୋଗରେ ଦୁଇ ଦିନିଆ ଧର୍ମୀୟ କାର୍ଯ୍ୟକ୍ରମ ହୋଇଥିଲା। ଶନିବାର କଳସ ଶୋଭାଯାତ୍ରା, ଶ୍ରୀଗୁରୁ ଘଟ ସ୍ଥାପନ, ଗୌର ଆବାହନ, ସମିତିର ଆଧାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ରବିବାର ସକାଳେ ପ୍ରାତଃ ସେବା, ପୂଜା, ଗୀତାପାଠ ପରେ ନାମ ସଂକୀର୍ତ୍ତନ ହୋଇଥିଲା। ସଭାପତି ମାଧବାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ତାଳଗାଁ ସ୍ଥିତ କେଳିମଠର ମହନ୍ତ ବାବା ସିଦ୍ଧେଶ୍ୱର ଦାସ ମହାରାଜ, ଅଧିକାରୀ ଦିବ୍ୟକୃଷ୍ଣ ଦାସ ମହାରାଜ, ଅବସରପ୍ରାପ୍ତ ଶିଶୁରୋଗ ବିଶେଷଜ୍ଞ ଡା. ନରହରି ବେହେରା, କୃତୀ ଶିକ୍ଷକ ଅରୁଣ କୁମାର ମହାନ୍ତି, ବାବା ବସନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମିତିର ଉପଦେଷ୍ଟା ମହେଶ ଚୌଧୁରୀ, ଉପ ସଭାପତି ବସନ୍ତ ପରିଡ଼ା, ସମ୍ପାଦକ ବସନ୍ତ ନାୟକ, ସହ ସମ୍ପାଦକ ପବିତ୍ର ମୋହନ ସାଉ, କୋଷାଧକ୍ଷ ଆର୍ତ୍ତବନ୍ଧୁ ଦାସ, ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ପତିତ ପାବନ ରାଉତ, ଦିବାକର ମନ୍ତ୍ରୀ, ସର୍ବେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାନ ରାଉଳଙ୍କ ସମେତ ବିଭିନ୍ନ ନାମ ସଂକୀର୍ତ୍ତନ ମଣ୍ଡଳୀର ୪୨ ଜଣ ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଛପଡ଼ାରେ ଭାଜପା କର୍ମୀ ସମ୍ମିଳନୀ

**ରଘୁନାଥପୁର, ୩୧।୩ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଜଇପୁର ମଣ୍ଡଳ ଛପଡା ପଞ୍ଚାୟତ ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଗାନ୍ଧିଜୀପୁରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସଂଯୋଜକ ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ନିର୍ବାଚନ ପରିଚାଳନା, ବୁଥସ୍ତରୀୟ କମିଟି ଗଠନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅଭୟ କୁମାର ଜେନାଙ୍କ ପୌରୋହିତ୍ୟରେ ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ, ମଣ୍ଡଳ ସଭାପତି ଅଶୋକ ନାୟକ, ଲୋଭେନ୍ଦ୍ର ମିଶ୍ର, ବନଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ଭୋଇ ଶୃଙ୍ଖଳା ଓ ସାଙ୍ଗଠନିକ ମନବୃତ୍ତି ନେଇ ସମସ୍ତ କର୍ମୀମାନେ ଜଣେ ଜଣେ ଯୋଦ୍ଧା ଭାବେ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ପ୍ରମୋଦ ଜେନା, ବାବାଜି ମହାନ୍ତି, ଅଭୟ ଜେନା, କାଳନ୍ଦୀ ଦାସ, ରାଜକିଶୋର ଜେନାଙ୍କ ସମେତ ୧୦ଜଣ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଥିଲେ।

## ୩ ପରାଜିତଙ୍କ ମଧ୍ୟରେ ଲଢେଇ

**ତିର୍ତ୍ତୋଲ,୩୧।୩ (ଡି.ଏନ.ଏ.)**

୨୦୧୪ ନିର୍ବାଚନରେ ପରାଜିତ ହୋଇଥିବା ୩ ଜଣ ପ୍ରମୁଖ ନେତାଙ୍କ ମଧ୍ୟରେ ଚଳିତଥର ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ଲଢେଇ ହେଉଛି। ସେମାନେ ହେଲେ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସ, ପୂର୍ବତନ ଏମପି ବିଭୂ ପ୍ରସାଦ ତରାଇ ଏବଂ ଭାଜପା ନେତା ରମାକାନ୍ତ ଭୋଇ। ୨୦୧୪ ନିର୍ବାଚନରେ ବିଷ୍ଣୁ ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ସେ କଂଗ୍ରେସର ଚିରଞ୍ଜୀବ ବିଶ୍ୱାଳଙ୍କଠାରୁ ପରାଜିତ ହୋଇଥିଲେ। ସେହିଭଳି ଗତ ନିର୍ବାଚନରେ କଂଗ୍ରେସର ଏମପି ପ୍ରାର୍ଥୀ ହୋଇଥିବା ବିଭୂ ପ୍ରସାଦ ତରାଇ ବିଜେଡିର ଡାକ୍ତର କୁଳମଣୀ ସାମଲଙ୍କଠାରୁ ପରାଜିତ ହୋଇଥିଲେ। ଭାଜପାର ରମାକାନ୍ତ ଭୋଇ ଗତ ନିର୍ବାଚନରେ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ହୋଇଥିଲେ। ସେ ବିଜେଡି ପ୍ରାର୍ଥୀ ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କଠାରୁ ପରାଜିତ ହୋଇଥିଲେ। ଗତ ନିର୍ବାଚନରେ ବିଫଳତାର ସ୍ୱାଦ ଚାଖିଥିବା ଏହି ୩ ନେତା ଏବେ ତିର୍ତ୍ତୋଲ ବିଧାୟକ ପଦବୀ ନିମନ୍ତେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା କରିବେ।

## ଶରବା ଗ୍ରାମରୁ ହରିଣ ଉଦ୍ଧାର



**ଏରସମା, ୩୧।୩(ସ୍ୱ.ପ୍ର.)**

ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତସ୍ଥିତ ଶରବା ଗ୍ରାମରୁ ରବିବାର ଏକ ହରିଣ ଉଦ୍ଧାର ହୋଇଛି। ସକାଳେ ହରିଣଟି ଗାଁ ଚାଷଜମିରେ ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଶରବା ଗ୍ରାମର ଶିଶିର ରାଉତ, ଚନ୍ଦ୍ରକାନ୍ତ ପରିଡା, ପ୍ରବୀର ସ୍ୱାଇଁ, ରଶ୍ମିକାନ୍ତ ଛାଟୋଇ, ଭାଗବତ ଦଳାଇ, ହରହରି ଦାସ, ସୂର୍ଯ୍ୟକାନ୍ତ ଛାଟୋଇ ଓ ଜନ ରାଉତ ପ୍ରମୁଖ ହରିଣଟିକୁ କାବୁ କରି ବନ ବିଭାଗକୁ ଜଣାଇଥିଲେ। ଏହି ବ୍ଲକ ଗଡ଼ହରିଶପୁର ପଞ୍ଚାୟତସ୍ଥିତ ହାୱାଖାନା ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଦ୍ୱାରା ଧରା ହୋଇଥିବା ହରିଣକୁ ନେଇ ଜଙ୍ଗଲରେ ଛାଡିଥିଲେ। ସୂଚନାଯୋଗ୍ୟ, ଶିଆଳି ଜଙ୍ଗଲ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ପୂର୍ବଭଳି ଏହି ଜଙ୍ଗଲରେ ଆଉ ଗହଳିଆ ଗଛଲତା ନାହିଁ। ତେଣୁ ବନ୍ୟଜନ୍ତୁଙ୍କ ସୁରକ୍ଷିତ ସ୍ଥାନ ନଷ୍ଟ ହୋଇଗଲାଣି। ଖାଦ୍ୟ ଓ ପିଇବା ପାଣି ଅଭାବ ଦେଖାଦେଲାଣି। ତେଣୁ ବନ୍ୟଜନ୍ତୁମାନେ ଜନବସତିକୁ ଚାଲି ଆସୁଛନ୍ତି। ସେହିପରି ଗ୍ରୀଷ୍ମଋତୁ ଯୋଗୁ ଜଙ୍ଗଲରେ ଏବେଠୁ ପିଇବା ପାଣି ସମସ୍ୟା ଦେଖାଦେଲାଣି। ତେଣୁ ବନ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିରିଡିରେ ଭାଜପାର ପ୍ରଚାର ଆରମ୍ଭ

**ବାଲିଆ, ୩୧।୩**

ବିରିଡ଼ି ବ୍ଲକ ହାଜିପୁର ମଣ୍ଡଳ ଭାଜପା ପକ୍ଷରୁ ଯୁବନେତା ଦୀପ୍ତିରଞ୍ଜନ ପରିଜାଙ୍କ ଆହ୍ୱାନରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରବିବାର ପ୍ରଚାର ଆରମ୍ଭ ହୋଇଛି। ବିରିଡ଼ି ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ ବିରିଡି ବ୍ଲକର ହାଜିପୁର ମଣ୍ଡଳରେ ଥିବା ଅଲାଣ୍ଡୋ ଓ ଅନ୍ୟ କେତେକ ଅଞ୍ଚଳରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇଙ୍କ ପାଇଁ ପ୍ରଚାର କରିଥିଲେ। ପରେ ଅଲାଣ୍ଡୋସ୍ଥିତ ଜାଗୁଳାଇ ମନ୍ଦିର ପ୍ରାଙ୍ଗଣରେ ମଣ୍ଡଳ ସମ୍ପାଦକ ବିଜୟ କୁମାର ପାଇକରାୟଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଏଥିରେ ରମାକାନ୍ତଙ୍କ ସହ ପର୍ଯ୍ୟବେକ୍ଷକ ଲଲାଟେନ୍ଦୁ ବସ୍ତୁ, ଜିଲା ସମ୍ପାଦକ ସୁଧାକର ସ୍ୱାଇଁ, ଗୋଲାପ ମଞ୍ଜରୀ ଭୋଇ, ହାଜିପୁର ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ସାହୁ, ଉପଦେଷ୍ଟା ରାମକୃଷ୍ଣ ପରିଜା, ମଣ୍ଡଳ ସଭାପତି ଶିଶିର କୁମାର ମହାନ୍ତି, ସହ ସମ୍ପାଦକ ବିଭୁ ପ୍ରସାଦ ଦାସ, ଯୁବନେତା ଦୀପ୍ତି ପରିଜା, ଅଶ୍ୱିନୀ କୁମାର ରାଉତ, ସୁଦର୍ଶନ ପଣ୍ଡା, ବନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବିରିଡ଼ିରେ ଭାଜପା ପ୍ରାର୍ଥୀ ଓ କର୍ମୀଙ୍କ ପ୍ରଚାର।

## ଶିକ୍ଷକତା ଜୀବନ ତପସ୍ୱୀ ସହ ସମାନ



ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ତିର୍ତ୍ତୋଲ, ୩୧।୩(ଡି.ଏନ.ଏ.)**

ଶିକ୍ଷକ ଜୀବନ ତପସ୍ୱୀ ଜୀବନ ସହ ସମାନ ଓ ଏହି ପେଶାରୁ ଅବସର ମିଳିନଥାଏ। ତିର୍ତ୍ତୋଲ ବ୍ଲକ କୋଷ୍ଠିମଲ୍ଲିକାପୁର ପଞ୍ଚାୟତ ମାଲଣ୍ଡ ସ୍ଥିତ ଭାରତୀ ନୋଡାଲ ସରକାରୀ ଉ.ପ୍ରା ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପ୍ରସାଦ ମହାନ୍ତିଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭାରେ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବରେ ଦିଗମ୍ବର ରାଉତ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହ ଶିକ୍ଷକତା ଜୀବନ ସମ୍ପର୍କରେ ଅବତାରଣା କରିଥିଲେ। ଝଙ୍କଡ ସାହିତ୍ୟ ସଂସଦର ସଙ୍ଗଠନ ସମ୍ପାଦକ ବାସବ କୁମାର ନନ୍ଦ, ଶିକ୍ଷାବିତ କୈଳାସ ନନ୍ଦ, ବୈଷ୍ଣବ ଗ୍ରହାଚାର୍ଯ୍ୟ, ଅଭୟ କୁମାର ସ୍ୱାଇଁ, ସରୋଜ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ସୁଶାନ୍ତ ରାଉତରାୟ, ବିଜୟ କୁମାର ନନ୍ଦୀ, ଅକ୍ଷୟ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କିରଣବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅନୁସୂୟା ସାହୁ, ଆରତୀ ସାହୁ, ଝୁଲଣା ପାତ୍ର, ପୁରାତନ ଛାତ୍ର ଦିଲୀପ ଦାସ, ବାସୁଦେବ ନାୟକ, ସୁଧିର ସାସମଲ, ଗୌରାଙ୍ଗ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ମିଶ୍ରଣର ଘଣ୍ଟାଏ ପରେ ବିରୋଧ



ପାରାଦୀପରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପା ନେତା ଓ କର୍ମୀ।

**ପାରାଦୀପ, ୩୧।୩(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀ ରାଜନୀତିରେ ୩ ପ୍ରମୁଖ ଦଳଙ୍କ ମଧ୍ୟରେ ଘଡ଼ିକେ ଘୋଡ଼ା ଛୁଟୁଛି। ରବିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଗଲା ଯେ, ବିଜେଡି ଓ କଂଗେସ୍ରର ଏକାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସେମାନେ ଦଳରେ ମିଶିଛନ୍ତି ବୋଲି ଦର୍ଶାଯାଇଥିଲା। ସେମାନଙ୍କ ମଧ୍ୟରେ ପୌରାଞ୍ଚଳର ୬ ୱାର୍ଡର ଜନସାଧାରଣ ଓ ଏକ ସଙ୍ଗଠନ କର୍ମକର୍ତ୍ତାଙ୍କ ନାମ ଥିଲା। ଉକ୍ତ ଖବର ପ୍ରଚାରିତ ହେବାପରେ ସମ୍ପୃକ୍ତ ସଙ୍ଗଠନ କର୍ମକର୍ତ୍ତା ଦଳ ମିଶ୍ରଣ ଖବରକୁ ଖଣ୍ଡନ କରିଥିଲେ। ପରେ ଭାଜପା ପକ୍ଷରୁ ସେହି ସଙ୍ଗଠନର ୨ଜଣଙ୍କ ନାମ ବାଦ୍ ଦେବା ପାଇଁ ଖବରଦାତାଙ୍କୁ କୁହାଯାଇଥିଲା।

## ଚାନ୍ଦପୁରରେ ସ୍ୱାସ୍ଥ୍ୟ ଶିବିର

**କୁଜଙ୍ଗ,୩୧।୩(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଚାନ୍ଦପୁରର ବିଶିଷ୍ଟ ଶିକ୍ଷାବିତ ଅନ୍ନଦା କାନୁନ୍‌ଗୋ ସ୍ମୃତି ସଂସଦ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ବିଶିଷ୍ଟ ମଧୁମେହ ଚିକିତ୍ସକ ଡ. ଜୟନ୍ତ ପଣ୍ଡା ଓ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଅନ୍ନଦା ବାବୁଙ୍କ ନାତୁଣୀ ଡ. ଆଦ୍ୟାଶା କାନୁନ୍‌ଗୋ କମିଟି କରିଥିବା ପ୍ରୟାଶକୁ ଉଚ୍ଚ ପ୍ରଶଂସା କରିଥିଲେ। ଆଇଏଏମ୍ ସୋଲିଆଲ ୱେଲେଫାର ୱିଂଗ୍ ଓ ୱେଲ୍ ବିଂ ଅନୁଷ୍ଠାନର ସହଯୋଗରେ ସ୍ମୃତି କମିଟି ପକ୍ଷରୁ ଏହି ମେଗା ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ସ୍ମୃତି ସଂସଦର ସଭାପତି ଚୌଧୁରୀ ପ୍ରସନ୍ନ ମିଶ୍ରଙ୍କ ପୌରୋହିତ୍ୟରେ ଅନ୍ନଦା ବାବୁଙ୍କ ସୁପୁତ୍ର ଶିଳ୍ପପତି ଅବନୀ କୁମାର କାନୁନ୍‌ଗୋ, ସମ୍ପାଦକ ସଚ୍ଚିଦାନନ୍ଦ ମଲ୍ଲ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷାବିତ ସ୍ନେହଲତା ମହାପାତ୍ରଙ୍କ ଏକାଦଶାହ

## ଶୋକସଭା ପାଲଟିଲା ରାଜନୈତିକ କ୍ଷେତ୍ର

**ପାରାଦୀପ, ୩୧।୩(ସ୍ୱ.ପ୍ର.)**

ପାରାଦୀପ ବିଧାୟକ ଡା. ଦାମୋଦର ରାଉତଙ୍କ ସ୍ତ୍ରୀ ତଥା ଶିକ୍ଷାବିତ ସ୍ନେହଲତା ମହାପାତ୍ରଙ୍କ ରବିବାର ଏକାଦଶାହ ପାଳିତ ହୋଇଛି। ଦିବଗଂତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଦାମଙ୍କ ତିର୍ତ୍ତୋଲ ବାସଭବନରେ ଶୋକସଭା ହୋଇଥିଲା। ଏହି ଶୋକସଭା ରାଜନୈତିକ କ୍ଷେତ୍ରରେ ଭ୍ରମ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ଏପରି ହେବାର କାରଣ ଦାମ ବାଲିକୁଦା-ଏରସମାର ଭାଜପା ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ପୁଅ ସମ୍ବିତ ରାଉତରାୟ ପାରାଦୀପ ଆସନର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ତେଣୁ ବହୁ ବିଜେଡି ଓ ଭାଜପା ନେତା ଏଥିରେ ସାମିଲ ହୋଇଥିଲେ। ପିତା-ପୁତ୍ର ସମସ୍ତଙ୍କୁ ଏହି ମୌକାରେ ଭାବାବେଗ ସହ ଯୋଡ଼ିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା। ପାରାଦୀପ-କୁଜଙ୍ଗ ଅଞ୍ଚଳର ବହୁ ଆଗଧାଡ଼ିର ବିଜେଡି ଓ ଭାଜପା କର୍ମୀ ଶୋକସଭାରେ ଯୋଗ ଦେଇଥିଲେ। ସେଥି ମଧ୍ୟରେ ପାରାଦୀପ ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ପୌରାଞ୍ଚଳର କେତେକ ବିଜେଡି କାଉନସିଲର ଥିଲେ। ତେବେ ରାତି ୧୦ଟା ସୁଦ୍ଧା ବସନ୍ତ ବିଶ୍ୱାଳ ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ସେହି ସ୍ଥାନକୁ ଯାଇ ନ ଥିଲେ।




ଏକାଦଶାହ ଉପଲକ୍ଷେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

### ଦିନକ ପରେ ନାମାଙ୍କନପତ୍ର ଦାଖଲ

## ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ

**ଯାଜପୁର ଜିଲା**
- ୧ ଲୋକସଭା, ୭ ବିଧାନସଭା ମଣ୍ଡଳୀ
- ବୈତରଣୀ ରିଂ ରୋଡ ପଟୁ ହେବ ପ୍ରାର୍ଥୀଙ୍କ ପ୍ରବେଶ

**ଯାଜପୁର ଅଫିସ,୩୧।୩**

ଦିନକ ପରେ ଅର୍ଥାତ ଏପ୍ରିଲ ୨ରେ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ଆସନ୍ତା ୯ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି। ୧୦ରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୨ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ସମୟ ସୀମା ଧାର୍ଯ୍ୟ ହୋଇଛି। ତେବେ ଏପ୍ରିଲ ୭ ରବିବାର ଯୋଗୁ ପ୍ରାର୍ଥିପତ୍ର ଦାଖଲ ହୋଇପାରିବ ନାହିଁ। ଏହି ମର୍ମରେ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦାୟିତ୍ୱରେ ଥିବା ପ୍ରତ୍ୟେକ ରିଟର୍ନିଂ ଅଫିସର, ସହକାରୀ ରିଟର୍ନିଂ ଅଫିସର ଓ ସହଯୋଗ କର୍ମଚାରୀମାନେ ସମବଦ୍ଧ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ପରାମର୍ଶ ଦେଇଛନ୍ତି। ନିର୍ବାଚନ ଆୟୁକ୍ତଙ୍କ ନିୟମାବଳୀ ଆଧାରରେ ଯେପରି ନାମାଙ୍କନ ପତ୍ର ଦାଖଲ ହୁଏ ଓ ପ୍ରାର୍ଥିଙ୍କୁ ଯଥାସମ୍ଭବ ସହଯୋଗ କରି ନାମାଙ୍କନ ପତ୍ର ଦାଖଲ ଯଥା ଶୀଘ୍ର ସମାପନ ହୁଏ ସେଥିପ୍ରତି ପ୍ରତ୍ୟେକ ସଚେତନ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପ୍ରାର୍ଥୀଙ୍କ ପାଇଁ ଯେଉଁ ନିୟମାବଳୀ କରାଯାଇଛି ସେହି ଆଧାରରେ ସେମାନେ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟର ୧୦୦ ମିଟର ପରିସରରେ ମଧ୍ୟରେ ସର୍ବାଧିକ ୩ଟି ଗାଡି ଆଣିବା ସହ ସର୍ବାଧିକ ୫ଜଣ (ପ୍ରାର୍ଥୀଙ୍କୁ ମିଶାଇ) ରିଟର୍ନିଂ ଅଫିସରଙ୍କ ପାଖକୁ ଆସି ପାରିବେ। ସମସ୍ତ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ପ୍ରବେଶ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମୁଖ ଭାଗ ଅର୍ଥାତ ବୈତରଣୀ ରିଂ ରୋଡ ପଟୁ ହିଁ ହେବ। ପ୍ରାର୍ଥିଙ୍କ ଗାଡ଼ି ବାଳାଶ୍ରମ ପଡ଼ିଆରେ ରଖାଯାଇ ପାରିବ। ନାମାଙ୍କନ ପତ୍ର ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ନାମାଙ୍କନ ପତ୍ର ଦାଖଲରେ ନିୟୋଜିତ ସମସ୍ତ କର୍ମଚାରୀ ଓ ଅଧିକାରୀ ପୂର୍ବାହ୍ନ ସାଢେ ୯ଟାରେ କାର୍ଯ୍ୟାଳୟକୁ ଆସିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ନାମାଙ୍କନ ପତ୍ର ଦାଖଲ ପାଇଁ ଆସୁଥିବା ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କ ପାଇଁ କମିଶନ ଧାର୍ଯ୍ୟ କରିଥିବା ଆଚରଣ ବିଧି ଓ ନିୟମାବଳୀ ପାଳନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଆବଶ୍ୟକ କାଗଜପତ୍ର, ପ୍ରମାଣପତ୍ର, ସତ୍ୟପାଠ ଇତ୍ୟାଦି ଠିକ ଭାବେ ଆଣି ଆସିବା ସହ ଶୃଙ୍ଖଳିତ ଭାବେ ନାମାଙ୍କନ ପତ୍ର ଦାଖଲ ପାଇଁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ପ୍ରାର୍ଥୀଙ୍କ ସୁବିଧା ପାଇଁ ମଧ୍ୟ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସହାୟତା ଯୋଗାଇବାର ବ୍ୟବସ୍ଥା ହୋଇଛି। ପ୍ରାର୍ଥି ବା ତାଙ୍କ ପ୍ରତିନିଧି ଆଗରୁ ଆସି ମଧ୍ୟ ନାମାଙ୍କନର ବିବିଧ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇପାରିବେ। ଫଳରେ ନାମାଙ୍କନ ପତ୍ର ଦାଖଲ ସହଜ ହୋଇପାରିବ। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳ, ନିର୍ବାଚନ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ପ୍ରଜ୍ଞା ହୋତା, ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ସଂକଳ୍ପ ଆବଶ୍ୟକ



**ଡେରାବିଶ, ୩୧।୩ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଥିବା ଓଳକଣା ମେଳଣ ପଡ଼ିଆରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଭାଗବତ କଥାମୃତ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବୃନ୍ଦାବନବାସୀ ଶ୍ରୀପାଦ ଭକ୍ତି ବେଦାନ୍ତ ଶ୍ରୀଧର ମହାରାଜ ଯୋଗଦେଇ ଭାଗବତ କଥାମୃତ ଉପରେ ଆଶ୍ରୀବଚନ ପ୍ରଦାନ କରିଥିଲେ। ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ସଂକଳ୍ପର ଆବଶ୍ୟକତା ରହିଛି ବୋଲି ଶ୍ରୀଧର ମହାରାଜ କହିଥିଲେ। ତିନିଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୃନ୍ଦାବନ ବାସୀ ଶ୍ରୀପାଦ ନରହରୀ ଦାସ ବ୍ରହ୍ମଚାରୀ, ଶ୍ୟାମନନ୍ଦ ଦାସ ବ୍ରହ୍ମଚାରୀ, ଶ୍ରୀପାଦ ବଂଶୀବଦନ ଦାସ ବ୍ରହ୍ମଚାରୀ, ଶ୍ରୀପାଦ ଉତ୍ତମକୃଷ୍ଣ ଦାସ ବ୍ରହ୍ମାଚାରୀ ଯୋଗଦେଇ ଭାଗବତ କଥାମୃତ ଉପରେ ଆଶ୍ରୀବଚନ ପ୍ରଦାନ କରିଥିଲେ। ମହନ୍ତ ନରହରି ଦାସ, ନୃସିଂହ ଚରଣ ପୃଷ୍ଟି, ଅନନ୍ତ ସାହୁ, ଜଗନ୍ନାଥ ସାହୁ, ରାଜକିଶୋର ମଲ୍ଲ, ପ୍ରତାପ ସାହୁ, ଚନ୍ଦ୍ରମଣି ସାହୁଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ପରିଷଦ ଓ ବାସନ୍ତୀ ଯୁବ ପରିଷଦର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କେନ୍ଦ୍ରାପଡା ଅଫିସ, ୩୧।୩:** କେନ୍ଦ୍ରାପଡା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ହୀରାମଣୀ ବେହୁରା ଶନିବାର ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଅଧାପକ ଡ. ସ୍ମୃତିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅଜୟ୍ କୁମାର ସାମଲ, ଶିକ୍ଷାବିତ୍ ଡ. ମନୋରଞ୍ଜନ ମହାନ୍ତି, ଡ.ଶ୍ରୁତିରଞ୍ଜନ ନାୟକ, ଗୋଲୋଖ ଚନ୍ଦ୍ର ମହାଭୋଇ, ଡ. ଦିଲୀପ କୁମାର ମିଶ୍ର ଓ ଅଧାପକ ପ୍ରଭାକର ମଲ୍ଲିକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ ଡ. ବେହୁରାଙ୍କ କାର୍ଯ୍ୟଦକ୍ଷତା ଓ ଛାତ୍ରୀଙ୍କ ପ୍ରତି ସ୍ନେହ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ଅଧାପକ ରଞ୍ଜିତ୍ ରଞ୍ଜନ ସାହୁ , ଅଧାପିକା ପ୍ରମିଳା ରାଣୀ ବେହେରା, ଡ. ଏଲୋରା କବି, ଜ୍ୟୋତ୍ସ୍ନାମୟୀ ପତି, ଅବନ୍ତୀ କୁମାରୀ ପୃଷ୍ଟି, ରବୀନ୍ଦ୍ର ନାଥ ପରିଡା ଓ ଅଖିଳେନ୍ଦୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଡ. ମମତା ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍କୁଲର ପୁରସ୍କାର ବିତରଣ ଉତ୍ସବ



**ଡେରାବିଶ, ୩୧।୩ (ସ୍ୱ.ପ୍ର.):** ଡେରାବିଶ ଶିକ୍ଷା ସର୍କଲ ଅଧୀନ ରତାଦିଆ ଖଣ୍ଡସାହି ସରକାରୀ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଇତିମଧରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ସିଂ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ଶିକ୍ଷାଧିକାରୀ କଳ୍ପନା ବେହେରା ମୁଖ୍ୟଅତିଥି, ସାମାଜିକ କର୍ମୀ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅରବିନ୍ଦ ଆଚାର୍ଯ୍ୟ, ବିଇଓ ଅକ୍ଷୟ୍ କୁମାର ସ୍ୱାଇଁ, ଓଷ୍ଟା ଯୁଗ୍ମ ସମ୍ପାଦକ ଅକ୍ଷୟ୍ କୁମାର ମିଶ୍ର, କୋଷାଧକ୍ଷ ପ୍ରେମାନନ୍ଦ ଜେନା, ସମ୍ପାଦକ ନିର୍ମଳ କୁମାର ନାୟକ, ପ୍ରଶାସନିକ ଶିକ୍ଷା ସେବା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଓ ସରପଞ୍ଚ ଗୀତାଞ୍ଜଳି ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀ ପ୍ରମିଳା ମଲ୍ଲିକ ଓ ଶିକ୍ଷକ ପ୍ରବୀଣ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୃତି ଛାତ୍ରୀ ଶ୍ୱେତାଲିନା ଶୁକ୍ଳା, ସନ୍ଧ୍ୟାରାଣୀ ଲେଙ୍କାଙ୍କ ସମେତ ଅନ୍ୟ କେତେଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ ଧନ୍ୟବାଦ ଦେଇଥିଲେ।

■ ଜିଲା ଗଠନକୁ ୨୬ ବର୍ଷ ପୂରିଲା

# ବିକାଶ ସ୍ୱପ୍ନ ଏବେ ବି ଅଧୁରା

**କେନ୍ଦ୍ରାପଡା ଜିଲା**
- ଆର୍ଥିକ,ସାମାଜିକ ବିକାଶରେ ପଛରେ ରହିଛି
- ରେଳପଥ ନ ଥିବା ବେଳେ ଶିଳ୍ପ ପ୍ରତିଷ୍ଠା ହୋଇନାହିଁ
- ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧରେ ସମନ୍ୱୟର ଅଭାବ

**କେନ୍ଦ୍ରାପଡା ଅଫିସ, ୩୧।୩**

୧୯୯୩ ଏପ୍ରିଲ ୧ରେ ରାଜ୍ୟ ସରକାର ଅବିଭକ୍ତ କଟକ ଜିଲାକୁ ଭାଗ କରି କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦିଆଯାଇଥିଲା। ଇତିମଧ୍ୟରେ ଜିଲା ଗଠନକୁ ୨୬ ବର୍ଷ ବିତିଛି । ଜିଲା ଗଠନ ପରେ ଅଞ୍ଚଳର ବିକାଶ ହେବ ବୋଲି ଲୋକେ ଭାବିଥିଲେ। ମାତ୍ର ଏହି ସ୍ୱପ୍ନ ଏବେବି ଅଧୁରା ରହିଛି। ଆର୍ଥିକ ବିକାଶ କ୍ଷେତ୍ରରେ ଏହି ଜିଲା ରାଜ୍ୟର ଅନ୍ୟ ଜିଲା ତୁଳନାରେ ତଳଆଡୁ ୪ର୍ଥ ସ୍ଥାନରେ ରହିଥିବା ବେଳେ ରାଜନେତା ଓ ପ୍ରଶାସକଙ୍କ ଅଣଦେଖା ଯୋଗୁ ଏପର୍ଯ୍ୟନ୍ତ ଏଠାରେ ମୌଳିକ ସୁବିଧା ଉପଲବ୍ଧ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କୁହନ୍ତିଯେ, ଅବିଭକ୍ତ କଟକ ଜିଲାକୁ ଭାଗ କରାଯାଇ ଏକ ସାଥିରେ କେନ୍ଦ୍ରାପଡା ସମେତ ପଡୋଶୀ ଜଗତସିଂହପୁର ଓ ଯାଜପୁର ଜିଲା ଗଠନ କରାଯାଇଥିଲା। ତେବେ କେନ୍ଦ୍ରାପଡା ବ୍ୟତୀତ ବାକି ଦୁଇ ପଡୋଶୀ ଜିଲାର ଆର୍ଥିକ ଓ ସାମାଜିକ ବିକାଶ ହେଉଛି। ମାତ୍ର କେନ୍ଦ୍ରାପଡାରେ ଭିତ୍ତିଭୂମି ଅଦ୍ୟାବଧି ସୁଦୃଢ଼ ହୋଇନାହିଁ । ଏହି ଜିଲାରେ ବିଶ୍ୱ ପ୍ରସିଦ୍ଧ ଜାତୀୟ ଉଦ୍ୟାନ ରହିଛି । ତେବେ ଏହି ଅଞ୍ଚଳକୁ ରାସ୍ତା ନ ଥିବା ବେଳେ ପ୍ରଚାର ପ୍ରସାର ଅଭାବ ଯୋଗୁ ପର୍ଯ୍ୟଟନ ଶିଳ୍ପ ଆଗେଇ ପାରୁନାହିଁ । ସେହିପରି ଜିଲାର ୬୮ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ମାତ୍ର ଏଠାରେ ଜଳସେଚନ ପାଇଁ ଚାଷୀଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ରାଜକୋଷରୁ ପ୍ରଚୁର ଅର୍ଥ ବ୍ୟୟ କରାଯାଉ ଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଅର୍ଥ ହଡ଼ପ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ବୁଦ୍ଧିଜୀବୀ ମାତୃଦତ୍ତ ମହାନ୍ତି କୁହନ୍ତିଯେ, ଶିକ୍ଷାକ୍ଷେତ୍ରରେ ଏହି ଜିଲା ବହୁ ପଛରେ ରହିଛି। ଜିଲାର ୧୪୩୦ ପ୍ରାଥମିକ ବିଦ୍ୟାଳୟ, ୫୮୩ ଏମଇ, ୩୦୫ ମାଧମିକ, ୨ଟି ଆଶ୍ରମ ସ୍କୁଲ, ୩ଟି ଆବାସିକ ସ୍କୁଲ ଓ ୪ଟି ସେବାଶ୍ରମ ସ୍କୁଲ ରହିଛି। ସେଥିରୁ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ପରିଲକ୍ଷିତ ହେଉଥିବା ବେଳେ ଆନୁଷଙ୍ଗିକ ଭିତ୍ତିଭୂମି ନ ଥିବାରୁ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହାଛଡା ଜିଲାର ସବୁ ସ୍ଥାନକୁ ସଡ଼କ ପଥ ନ ଥିବା ବେଳେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ମସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ କୁହନ୍ତିଯେ, ପାନୀୟ ଜଳର ଅଭାବ ଏବେ ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ଏହାଛଡା ରାଜନଗର, ରାଜକନିକା, ମହାକାଳପଡ଼ା, ଆଳି ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜିଲାର ଜାତୀୟ ରାଜପଥରେ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ବଢ଼ି ଚାଲିଛି। ଯାଜପୁର ଓ ଜଗତସିଂହପୁର ଜିଲାରେ ଶିଳ୍ପାଞ୍ଚଳ ଗଢ଼ି ଉଠିଥିବା ବେଳ କେନ୍ଦ୍ରାପଡାରେ ଅଦ୍ୟାବଧି ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ଐତିହ୍ୟ କୀର୍ତ୍ତିରାଜି ଏଠାରେ ଅସୁରକ୍ଷିତ ହୋଇପଡିଥିବା ବେଳେ ଏପର୍ଯ୍ୟନ୍ତ ଜିଲାରେ ରେଳପଥ ପହଞ୍ଚିପାରିନାହିଁ।

ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିବାନୁସାରେ, ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ । ସେହିପରି ଜିଲା ପ୍ରଶାସନିକ ଅଧିକାରୀଙ୍କ ବଦଳି ଏଠାରେ ପ୍ରମୁଖ ସମସ୍ୟା ପାଲଟିଛି। ଗତ ୨୬ ବର୍ଷ ମଧ୍ୟରେ ମୋଟ ୪୩ ଥର ଜିଲାପାଳଙ୍କ ବଦଳି ହୋଇଛି। ଏଥିଯୋଗୁ ଜିଲାରେ ବିକାଶ ଠିକ୍ ଭାବେ ହୋଇପାରୁନାହିଁ ବୋଲି ସେ କହିଛନ୍ତି। ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ବିକାଶ କ୍ଷେତ୍ରରେ ବାଧକ ସାଜିଛି ବୋଲି ସେ ପ୍ରକାଶ କରିଛନ୍ତି। ଜିଲାବାସୀ ଏସବୁ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ଉଠାଉ ଥିବାବେଳେ ରାଜନେତା ଓ ପ୍ରଶାସକ ବିଭିନ୍ନ ସଭାରେ ଜିଲାର ବିକାଶ ହେଉଥିବା ନେଇ କହୁଛନ୍ତି। ଏସବୁ ଭେଳିକି ଦେଖାଇବା ବନ୍ଦ କରି ଜିଲାର ବିକାଶ ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

■ ଖବରଦାତା ସମ୍ମିଳନୀ

## ବୈଜୟନ୍ତ, ବିଜୟଙ୍କ ସହଯୋଗରେ ସୁଦୃଢ଼ ହେବ ସଂଗଠନ

**କେନ୍ଦ୍ରାପଡା ଅଫିସ, ୩୧।୩**

ବରିଷ୍ଠ ନେତା ବିଜୟ ମହାପାତ୍ର ପୁନର୍ବାର ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜିଲା ଭାଜପା ପକ୍ଷରୁ ରବିବାର ତାଙ୍କୁ ସ୍ୱାଗତ କରାଯାଇଛି। ଏନେଇ ସହରର ମନକରପୁରରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏମପି ପ୍ରାର୍ଥୀ ତଥା ଭାଜପାର ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଓ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହଯୋଗରେ ଜିଲାରେ ଭାଜପା ସଂଗଠନ ସୁଦୃଢ଼ ହେବ ବୋଲି ଜିଲା ଭାଜପା ପକ୍ଷରୁ ଏହି ଅବସରରେ କୁହାଯାଇଛି । ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ବୈଦ୍ୟନାଥ ଚାଟାର୍ଜୀ, ନୃସିଂହ ପତ୍ରୀ, ପୂର୍ବତନ କାଉନସିଲର ଜୟରାମ ବେହେରା, ଫକୀରଚରଣ ବେହେରା ଓ ସମୀର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ସମ୍ମିଳନୀକୁ ମନୋଜ କୁମାର ଦାସ ପରିଚାଳନା କରିଥିଲେ ।

## ବିଜେଡିର ହକ୍ ମାଗୁଛି ଓଡ଼ିଶା ଅଭିଯାନ

**ଡେରାବିଶ, ୩୧।୩ (ସ୍ୱ.ପ୍ର.)**




ସଭାରେ ବିଜେଡି ନେତା ଓ କର୍ମୀ

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳଠାରେ ରବିବାର ବିଜେଡି ପକ୍ଷରୁ ୧୪ ନଂ. ଜୋନ୍‌ସ୍ତରୀୟ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ମଲ୍ଲ ଅଧ୍ୟକ୍ଷତା କରିଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ, ଯୁବନେତା ଦେବରାଜ ମହାପାତ୍ର, ବାଲିଆ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ, ବ୍ଲକ ଯୁବ ବିଜେଡି ସଭାପତି ଗୋଲକ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, ଓଡ଼ିଶାର ଜୀବନରେଖା ମହାନଦୀ ପାଣିକୁ ଛତିଶଗଡ଼ ସରକାରଙ୍କ ମାଧମରେ ବନ୍ଦ କରିବା ଆଦି କ୍ଷେତ୍ରରେ କେନ୍ଦ୍ର ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରିଥିବା ଅତିଥିମାନେ ବକ୍ତବ୍ୟରେ କହିଥିଲେ।

ସେହିପରି ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ ଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ୧୨ ନଂ, ଜୋନ୍ ଜିଲା ପରିଷଦ ସଭ୍ୟା ମନୋରମା ସାହୁ, ବରିଷ୍ଠ ବିଜେଡି ନେତା ମହେନ୍ଦ୍ର କୁମାର ସିଂ, ଗଣେଶ୍ୱର ବେହେରା, ବାଲିଆ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶାର ହକ୍ ପାଇଁ ବିଜେଡ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଅବ୍ୟାହତ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥବଲେ। ଅନ୍ୟମାନଙ୍କ ମଧରେ ଛାତ୍ର ବିଜେଡି ସଭାପତି ଯୋଗେନ୍ଦ୍ର ବେହେରା, ଅଭିଜିତ୍ ସିଂ, ସତ୍ୟଜିତ୍ ଲେଙ୍କା, ମିର୍ଜା ଜାହାଙ୍ଗିର ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାର ମେଁ ଭି ଚୌକିଦାର କାର୍ଯ୍ୟକ୍ରମ

**କେନ୍ଦ୍ରାପଡା ଅଫିସ, ୩୧।୩**

କେନ୍ଦ୍ରାପଡା ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ 'ମେ ଭି ଚୌକିଦାର' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଲାଇଭ୍ ଚାଟ୍ ମାଧମରେ ଜିଲାର ମତ୍ସ୍ୟଜୀବୀ ଓ ଜମି ପଟ୍ଟା ସମସ୍ୟା ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ବହୁ ସଂଖ୍ୟାରେ ଲୋକ ଓଡିଶାରେ ପରିବର୍ତ୍ତନ ଚାହୁଁଥିବାରୁ ଚଳିତ ନିର୍ବାଚନରେ ପରିବର୍ତ୍ତନ ହେବ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ କୃଷକ ମୋର୍ଚ୍ଚା ସଭାପତି ପବିତ୍ର ପରିଡାଙ୍କ ସମେତ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ନେତା ଭୂବନମୋହନ ଜେନା ଓ ଉତ୍କଳ ପରିଡାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

### ହକ୍ ମାଗୁଛି ଓଡ଼ିଶା ଅଭିଯାନ

**ପାଟକୁରା,୩୧।୩(ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଧୀନ ବଡ଼ହେତ୍ରା ପଞ୍ଚାୟତର କୁଦାନଗରୀଠାରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ହକ୍ ମାଗୁଛି ଓଡ଼ିଶା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ସମେତ ଅନେକ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ପୂର୍ବତନ ଚେୟାରମ୍ୟାନ ବାସୁଦେବ ବେହେରା, ବ୍ଲକ ବିଜେଡ଼ି ମହିଳା ସଭାନେତ୍ରୀ ସୁଜାତା ତ୍ରିପାଠୀ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ପ୍ରହ୍ଲାଦ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ବୈମାତୃକ ମନଭାବର କଡ଼ା ସମାଲୋଚନା କରିଥିଲେ।

## ୩ରୁ ଇନ୍ଦୁପୁର ବାରୁଣୀ ଯାତ୍ରା

**ଡେରାବିଶ, ୩୧।୩ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାର ଇନ୍ଦୁପୁରରେ ଅନୁଷ୍ଠିତ ପ୍ରସିଦ୍ଧ ବାରୁଣୀ ଯାତ୍ରା ଆସନ୍ତା ୩ ତାରିଖ ବୁଧବାର ଅନୁଷ୍ଠିତ ହେବ। ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମ ସ୍ଥଳୀରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଥିବା ମା'ଚଣ୍ଡୀଙ୍କ ପୀଠରେ ଏଥିପାଇଁ ୭ଦିନ ବ୍ୟାପୀ ବାରୁଣୀ ଉତ୍ସବ ପାଳିତ ହେବ। ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ଏହି ପାରମ୍ପରିକ ବାରୁଣୀ ସ୍ନାନ ପାଇଁ କେନ୍ଦ୍ରାପଡ଼ା ସମେତ ଅବିଭକ୍ତ କଟକ ଜିଲାର ବିଭିନ୍ନ ପ୍ରାନ୍ତରୁ ହଜାର ହାଜର ଶ୍ରଦ୍ଧାଳୁ ଏଠାରେ ଯୋଗଦେଇ ବାରୁଣୀ ସ୍ନାନ କରିଥାନ୍ତି। ସ୍ନାନ ପରେ ନଦୀ କୂଳରେ ଥିବା ମା' ଚଣ୍ଡୀଙ୍କୁ ଦର୍ଶନ କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ଭିଡ଼କୁ ପରିଲକ୍ଷିତ କରି ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ପାନୀୟଜଳ ଓ ପରିମଳ, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିବା ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷେ ସ୍ଥାନୀୟ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଭିଡ଼କୁ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବା ପାଇଁ ଉଦ୍ୟମ କରାଯାଉଥିବା ସହ ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ଯାତ୍ରୀଙ୍କ ପାଇଁ ଜଳଛତ୍ର ଦାନ ପାଇଁ ବ୍ୟବସ୍ଥା ହୋଇଥିବା ସରପଞ୍ଚ ଗିନା ମଲ୍ଲିକ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ବୈଠକ

**କେନ୍ଦ୍ରାପଡା ଅଫିସ, ୩୧।୩**

କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥିତ ଯାତ୍ରୀ ନିବାସ ପରିସରରେ ଜିଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ମାଧବାନନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସର ଜୀବନ, ପେନସନ ଓ ବରିଷ୍ଠ ନାଗରିକଙ୍କ ପ୍ରମାଣ ପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସାମାଜିକ କର୍ମ ଓ ସଂଗଠନକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ସମ୍ପାଦକ ଗଣେଶ୍ୱର ମେକାପ, ରବୀନ୍ଦ୍ର ନାଥ ସାହୁ, ଉମେଶ ଚନ୍ଦ୍ର ପରିଡା, ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ଚରଣ ସାହୁ ଏହାକୁ ପରିଚାଳନା କରିଥିଲେ।

## ଜଗତ୍‌ସିଂହପୁରକୁ ହରାଇ ନିକିରାଇ କ୍ଲବ ଚାମ୍ପିୟନ

**ଡେରାବିଶ, ୩୧।୩ (ସ୍ୱ.ପ୍ର.)**




ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁରଠାରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ରାତ୍ରୀକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ବାଲୁଙ୍କେଶ୍ୱର କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିଲେ। ନିକିରେଇ କ୍ଲବ ଓ ଜଗତସିଂହପୁର କ୍ଲବ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲେ। ଟସ୍ ଜିତି ନିକିରେଇ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଜଗତସିଂହପୁର କ୍ରିକେଟ୍ କ୍ଲବ ନିର୍ଦ୍ଧିଷ୍ଟ ଓଭର ମଧରେ ୭ ୱିକେଟ୍ ହରାଇ ୮୨ ରନ୍ ସଂଗ୍ରହ କରି ମ୍ୟାଚ୍ ହାରିଯାଇଥିଲା। ଏହି ଅବସରରେ ଶିକ୍ଷାବିତ୍ ଗୁରୁଚରଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୃଷକ ନେତା ଅନନ୍ତ ଭୂୟାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରପି ପ୍ରଦାନ କରିଥବବା ବେଳେ ସମ୍ମାନିତ ଅତିଥି ପୂର୍ବତନ ସମିତିସଭ୍ୟ ଗଗନବିହାରୀ ସାହୁ ଜଗତସିଂହପୁରକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଏହି ଉତ୍ସବରେ ଆଇନଜୀବୀ ଦୀପକ କୁମାର ସାହୁ, ବ୍ରଜକିଶୋର ରାଉତ, ନରେନ୍ଦ୍ର ସାମଲ, ଗୌରାଙ୍ଗ ସାହୁ, ସରୋଜକାନ୍ତ ପଣ୍ଡା, ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଭାଗବତ କାଣ୍ଡି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନିକିରେଇ ଟିମ୍‌ର ଇମ୍‌ରାନ୍ ଖାଁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ନୁରୁଦ୍ଦିନ୍ ଖାଁଙ୍କୁ ଜଗତସିଂହପୁର ଟିମ୍‌କୁ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସଂଗ୍ରାମ କିଶୋର ନାୟକ, ସୁବ୍ରତ ଭୂୟାଁ, ପର୍ଶୁରାମ କାଣ୍ଡି, ନବକିଶୋର ପଲେଇ, ବାସୁଦେବ ନାୟକ, ବିପିନ ଭଦ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଧର୍ମେନ୍ଦ୍ର ବେହେରା, ଧୀରେନ୍ଦ୍ର କାଣ୍ଡି, ପୂର୍ଣ୍ଣଚନ୍ଦ୍ର ବେହେରା ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

## କୃତଜ୍ଞତା ହିଁ ଶିକ୍ଷାଲାଭର ସଫଳତା




ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ମାର୍ଶାଘାଇ,୩୧।୩ (ଡିଏନଏ)**

ରବିବାର ମାର୍ଶାଘାଇ ବ୍ଲକ ଗରଜଙ୍ଗା ହଳଦିଆଗଡା ନିକଟ ତାରିଣୀ ଯୁକ୍ତ ୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟର୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡ. ଶଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଥାକାର କୃପାସାଗର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ମୋହନ ମିଶ୍ର, ସମ୍ମାନିତ ଅତିଥି ଭାବେ ଦାସ ବେନହୁର ,ତାରିଣୀ ଗ୍ରୁପ ଅଫ ଏଜୁକେଶନାଲ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ ପଣ୍ଡା ଯୋଗ ଦେଇଥିଲେ। ସହରାଞ୍ଚଳ ଭଳି ମାର୍ଶାଘାଇର ଏହି ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ କରି ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିବା ତାରିଣୀ ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ବୋଲି ପରିଚାଳନା ନିର୍ଦ୍ଦେଶକ ପଣ୍ଡା କହିଥିଲେ। ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ ପରେ ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନ ଓ ସମାଜ ପ୍ରତି କୃତଜ୍ଞତା ପ୍ରକାଶ କରିବା ହିଁ ଶିକ୍ଷାଲାଭର ସଫଳତାକୁ ସୂଚାଇଥାଏ ବୋଲି ସମ୍ମାନିତ ଅତିଥି ଦାସ କହିଥିଲେ। ତାରିଣୀ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଗଗନ ମହାପାତ୍ର, ତାରିଣୀ ବିଦ୍ୟାମନ୍ଦିରର ଅଧକ୍ଷ ରବିନ୍ଦ୍ରନାଥ ସ୍ୱାଇଁ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ପଦ୍ଧତି ସଂପର୍କରେ ଆଲୋକପାତ କରିଥିଲେ। ଉମାକାନ୍ତ ଦାସ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଏସଆଇ ବସନ୍ତ କୁମାର ଜେନା,ବୈଷ୍ଣବ ଚରଣ ପଣ୍ଡା,ସତ୍ୟବ୍ରତ ସେନାପତି,ଶିକ୍ଷାବିତ ରଞ୍ଜିତ କୁମାର ଦାସ,ଗଜେନ୍ଦ୍ରନାଥ ଜେନା,ସାମାଜିକ କର୍ମୀ ଉଦୟନାଥ ଚୌଧୁରୀ,ଶଙ୍କର୍ଷଣ ପ୍ରଧାନଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଆଳି ବିଧାନସଭା ନିର୍ବାଚନମଣ୍ଡଳୀ

# ମଇଦାନରେ ୩ ପୁରୁଖା ନେତା

**ଆଳି, ୩୧।୩ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀ ଓ ଏହା ଅଧୀନ ୭ ବିଧାସଭା କ୍ଷେତ୍ରରେ ୪ର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ଲେକ ସଭା ନିର୍ବାଚନ ମଣ୍ଡଳୀ ଅଧୀନ ଆଳି ବିଧାନସଭା ଆସନ ପାଇଁ ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡି, ବିଜେପି ଓ କଂଗ୍ରେସ ୩ ପୁରୁଖା ନେତାଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଆଳି ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ଟିକେଟ ଦେଇଛି। ସେହିପରି ଭାଜପା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କୁ ପ୍ରାର୍ଥୀ କରିଛି। ପୂର୍ବରୁ ନିର୍ବାଚନ ରଣାଙ୍ଗନରେ ଏମାନେ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ଏଥର ୩ ଜଣ ଏକାଠି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ପ୍ରତାପ ଦେବ ୨୦୦୦ ମସିହାରେ ବିଜେଡି ଟିକେଟରେ ପ୍ରଥମ ଥର ପାଇଁ ରାଜନୀତିରେ ପାଦ ଥାପି ଲଗାତର ତିନିଥର ବିଧାୟକ ହୋଇଥିଲେ। ମାତ୍ର ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମାଙ୍କଠାରୁ ପରାଜିତ ହୋଇଥିଲେ।

ଆଉ ଦିନ କେଇଟା ପରେ ଭୋଟ ଗ୍ରହଣ ଥିବା ବେଳେ ନିର୍ବାଚନ ବୈତରଣୀ ପାର ହେବା ନିମନ୍ତେ ପ୍ରତାପ ଦେବ ବିଭିନ୍ନ ପଞ୍ଚାୟତରେ ପଦଯାତ୍ରା, ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ କରି ସଂଗଠନ ମଜବୁତ କରିବାରେ ଲାଗି ପଡିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା ପୁନର୍ବାର ବିଜୟ ବାନା ଉଡ଼ାଇବା ନିମନ୍ତେ ବିଭିନ୍ନ ପଞ୍ଚାୟତରେ ଛାମୁଆ କର୍ମୀଙ୍କୁ ନେଇ ଘନଘନ ବୈଠକ କରୁଛନ୍ତି। ୨୦୦୪ ଓ ୨୦୦୯ ରେ କଂଗ୍ରେସ ପ୍ରାର୍ଥୀ ଶର୍ମା ବିଧାୟକ ଭାବେ ଟିକେଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରତାପ ଦେବଙ୍କଠାରୁ ହାରିଥିଲେ। ମାତ୍ର ୨୦୧୪ରେ ଶର୍ମାଙ୍କଠାରୁ ପ୍ରତାପ ଦେବ ହାରିଯାଇଥିଲେ। ପୂର୍ବ ନିର୍ବାଚନ ଭଳି ଏଥର ବି ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡା. ଦେବସ୍ମିତା ଶର୍ମା ଗଡ଼ ରକ୍ଷା ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ସେହିପରି ଭାଜପା ପକ୍ଷରୁ ନିର୍ବାଚନ ଲଢ଼ିବା ନିମନ୍ତେ ୧୨ ଜଣ ଆଶାୟୀ ଥିବା ବେଳେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କୁ ଦଳ ଟିକେଟ ଦେଇଛି। ତେବେ ଆଳି ନିର୍ବାଚନ ମଣ୍ଡଳୀରେ ଭାଜପାର ସେତେଟା ଦବଦବା ନ ଥିବା ବେଳେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।



ଦେବେନ୍ଦ୍ର ଶର୍ମା



ଦୋଳଗୋବିନ୍ଦ ନାୟକ



ପ୍ରତାପ ଦେବ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଏପ୍ରିଲ୍ ୧/୨୦୧୯ Bhubaneswar, Monday, April 1/2019





ରବିବାର ପ୍ରଶାନ୍ତ ମୁଦୁଲିଙ୍କୁ ବିଜେଡି ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ଅସନ୍ତୁଷ୍ଟ କର୍ମୀମାନେ ଜିଲା କାର୍ଯ୍ୟାଳୟଠାରେ ଭଙ୍ଗାରୁଜା କରିବା ସହ ରାସ୍ତାରେ ଟାୟାର ଜାଳି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।




ଭାଙ୍ଗିଯାଇଥିବା ଜିଲା ବିଜେଡି କାର୍ଯ୍ୟାଳୟ ସାଇନ୍‌ବୋର୍ଡ

## ସଉଦି ଆରବରେ ଓଡ଼ିଆ ଯୁବକ ନିର୍ଯାତିତ ଫେରାଇ ଆଣିବାକୁ ବୈଦେଶିକ ମନ୍ତ୍ରୀଙ୍କୁ ନିବେଦନ

**ଦଶରଥପୁର,୩୧।୩ (ଡିଏନ୍‌ଏ):** ଯାଜପୁର ଜିଲା ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତର ଜଣେ ଯୁବକ ସାଉଦୀ ଆରବରେ ଚାକିରି କରି ଶାରୀରିକ ନିର୍ଯାତନା ପାଉଥିବା ଜଣାପଡ଼ିଛି। ଉକ୍ତ ଯୁବକଙ୍କୁ ଭାରତ ଫେରାଇ ଆଣିବାକୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଇ-ମେଲ ଓ ଫ୍ୟାକ୍ସ ଯୋଗେ ଯୁବକଙ୍କ ପିତା ନିବେଦନ କରିଛନ୍ତି। ପ୍ରକାଶ ଯେ, ଚମ୍ପେଇପାଳ ପଞ୍ଚାୟତ ଓଡ଼େଇ ଗ୍ରାମର ବାଞ୍ଛାନିଧି ମଲ୍ଲିକ୍‌ଙ୍କ ପୁଅ ସୁଶାନ୍ତ (୨୫) କେରଳରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ତାଙ୍କୁ ସାଉଦି ଆରବରେ ଚାକିରି କରାଇ ଦେବାକୁ କହି ସାହିଦ୍ ଅନସାରୀ ନାମକ ବ୍ୟକ୍ତି ବମ୍ବେରୁ ଭିସା କରାଇ ସାଉଦି ଆରବକୁ ପଠାଇଥିଲେ। ୨୦୧୯ ଫେବୃୟାରୀ ୨୫ରେ ସୁଶାନ୍ତ ସାଉଦି ଆରବ ଯାଇଥିବାବେଳେ ସେଠାରେ ଏକ ଫାର୍ମରେ କାର୍ଯ୍ୟ କରୁଥିଲେ। କିନ୍ତୁ ସେଠାରେ ତାଙ୍କୁ ଫାର୍ମ କର୍ତ୍ତୃପକ୍ଷ ଅଧିକ କାମ କରାଇ ଶାରୀରିକ ନିର୍ଯାତନା ଦେଉଥିଲେ। ଏନେଇ ସୁଶାନ୍ତ ସେଠାକାର ପୋଲିସ ବିଭାଗକୁ ଜଣାଇଥିବାବେଳେ କିପରି ନିଜ ଘରକୁ ନିରାପଦରେ ଫେରିବେ ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ସେ ତାଙ୍କ ମା'ବାପାଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ବାପା ଗତ ୨୩ ତାରିଖରେ ଇ-ମେଲ୍ ଓ ଫାକ୍ସ ଯୋଗେ ଏକ ଲିଖିତ ଅଭିଯୋଗ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ପଠାଇବା ସହିତ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲାପାଳଙ୍କୁ ମଧ ପଠାଇଛନ୍ତି। ସୁଶାନ୍ତଙ୍କୁ କିପରି ସେଠାରୁ ମୁକୁଳାଯାଇ ନିରାପଦରେ ଆଣି ଘରେ ଛଡ଼ାଯିବ ତା'ର ବ୍ୟବସ୍ଥା କରିବାକୁ ବାପା ଆକୁଳ ନିବେଦନ କରିଛନ୍ତି। ଅନ୍ୟ ପକ୍ଷରେ ବାଞ୍ଛାନିଧି ଜଣେ ଦଳିତ ବର୍ଗର ଲୋକ ହୋଇଥିବା ବେଳେ ଗରିବ ଅଟନ୍ତି। ପୁଅର ଉପାର୍ଜିତ ଅର୍ଥରେ ଘର ଚଳୁଥିବା ବେଳେ ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା ଜାଣି ତାଙ୍କ ମା'ବାପା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଟିକେଟ ଝୁଲାଇ ରଖିଛି କଂଗ୍ରେସ

**ପାରାଦୀପ,୩୧।୩(ସ୍ୱ.ପ୍ର.)**

**ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ**
- ବାପି ଓ ପ୍ରମୋଦଙ୍କ ମଧରେ ଛକାପଞ୍ଝା
- ମନେପଡୁଛି ବିଗତ ୩ ନିର୍ବାଚନ କଥା
- ଟିକେଟ ନ ମିଳିଲେ ସ୍ୱାଧୀନ ପ୍ରାର୍ଥୀ ହେବେ ଆଶାୟୀ

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଉ ଦିନକ ପରେ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। କିନ୍ତୁ ଅଦ୍ୟାବଧି ପାରାଦୀପ ନିର୍ବାଚନମଣ୍ଡଳୀରେ ରାଜନୈତିକ ଅସ୍ଥିରତା ଦୂର ହୋଇପାରିନାହିଁ। ସମୟ ଯେତିକି ଗଡି ଚାଲିଛି, ଏହି ଅସ୍ଥିରତା ସେତିକି ବଢି ଚାଲିଛି। ଇତିମଧ୍ୟରେ ବିଜେଡି ଓ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ କଂଗ୍ରେସ ଟିକେଟ ଝୁଲାଇ ରଖିଛି। ଏଠାରେ ଅରିନ୍ଦମ ସର୍ଖେଲ(ବାପି) ଓ ପ୍ରମୋଦ ଜେନା ଦୌଡ଼ରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଦଳ କାହାକୁ ଟିକେଟ ଦେବ ତାହା ସ୍ଥିର କରିପାରୁନାହିଁ। ତେଣୁ ଆଶାୟୀ ପ୍ରାର୍ଥୀ ଓ କର୍ମୀମାନେ ସଂଶୟ ମଧ୍ୟରେ ରହିଛନ୍ତି। ଏଭଳି ପରିସ୍ଥିତି ଗତ ୩ ସାଧାରଣ ନିର୍ବାଚନ ୨୦୦୪, ୨୦୦୯ ଓ ୨୦୧୪ କଥା ମନେପକାଇ ଦେଉଛି। ଅନ୍ୟପକ୍ଷରେ ଯଦି ଟିକେଟ ନମିଳେ ତେବେ ଆଶାୟୀ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନକୁ ଓହ୍ଲାଇବାର ସମ୍ଭାବନା ରହିଛି। କୌତୁହଳର ବିଷୟ ହେଲା କଂଗ୍ରେସ ପ୍ରାର୍ଥୀ ଚୟନକୁ ବିରୋଧୀ ଭାଜପା ଓ ବିଜେଡି ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି।

କଂଗ୍ରେସ ଏଠାରେ ଯେତେବେଳେ ଟିକେଟକୁ ନେଇ ଖେଳ ଖେଳିଛି, ସେତେବେଳେ ଦଳର ସ୍ଥିତି ନିମ୍ନଗାମୀ ହୋଇଛି। ପାରାଦୀପ ପୌର ପରିଷଦର ଏକାଧିକ ଥର ପୌରାଧକ୍ଷ ହୋଇଥିବା ରମେଶ ଚନ୍ଦ୍ର ସାମନ୍ତରାୟ ୨୦୦୪ରେ ବିଧାୟକ ପ୍ରାର୍ଥୀ ଦୌଡ଼ରେ ଥିଲେ। କିନ୍ତୁ ସେତେବେଳେ ଦଳ ବିଜୟ ନାୟକଙ୍କୁ ପ୍ରାର୍ଥୀ କରି ରମେଶଙ୍କୁ ଅଣଦେଖା କରିଥିଲା। ପରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରି ରମେଶ ଟିକେଟ ପାଇବାକୁ ଆଶା କରିଥିଲେ। ଏପରିକି ଦଳୀୟ ଚିହ୍ନ ଥାଇ ପୋଷ୍ଟର-ବ୍ୟାନର ଛପାଇ ଦେଇଥିଲେ। କିନ୍ତୁ ନାମାଙ୍କନପତ୍ର ଦାଖଲ ଶେଷ ଦିନ ମାତ୍ର ଘଣ୍ଟାଏ ପୂର୍ବରୁ ରମେଶଙ୍କ ଟିକେଟ କାଟି ନବାଗତ ପ୍ରମୋଦ କିଶୋର ଜେନାଙ୍କୁ ପ୍ରାର୍ଥୀ କରାଗଲା। ସେତେବେଳେ ରମେଶ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢି ଦ୍ୱିତୀୟ ସର୍ବାଧିକ ଭୋଟ୍ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ଅମାନତ ହରାଇଥିଲେ। ପରେ ସେ ଦଳୀୟ କାର୍ଯ୍ୟକ୍ରମ କରିବା ସହ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହେବାକୁ ଦୃଢ ଦାବିଦାର ଥିଲେ। କିନ୍ତୁ ନାମାଙ୍କନପତ୍ର ଦାଖଲର ଶେଷଦିନ ଦଳର ଟିକେଟ ଅରିନ୍ଦମ ସର୍ଖେଲ (ବାପି)ଙ୍କୁ ମିଳିଥିଲା। ବାପି ପରାଜିତ ହୋଇଥିଲେ ହେଁ ୪୬ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇଥିଲେ। ଗତ ୫ ବର୍ଷ ମଧରେ ବାପି ଓ ତାଙ୍କ ସ୍ତ୍ରୀ ମୁନିଦୀପା ସର୍ଖେଲ ନିର୍ବାଚନମଣ୍ଡଳୀରେ ସାଂଗଠନିକ କାର୍ଯ୍ୟକ୍ରମ ଚଳାଇଛନ୍ତି। ସେହିପରି ୨୦୧୪ ନିର୍ବାଚନ ପରେ ଦଳୀୟ କାର୍ଯ୍ୟକ୍ରମଠାରୁ ଦୂରେଇ ରହିଥିବା ପ୍ରମୋଦ ଏବେ ପୁଣି ସକ୍ରିୟ ହୋଇଛନ୍ତି। ଓଡ଼ିଶା ପିସିସି ସଭାପତି ପରିବର୍ତ୍ତନ ମଧ ଏଠାରେ ଦଳକୁ ବିଭିନ୍ନ ସମୟରେ ପ୍ରଭାବିତ କରିଛି। ତେଣୁ ଉଭୟ ବାପି ଓ ପ୍ରମୋଦ ଟିକେଟ ପାଇଁ ନିଜ ନିଜ ସ୍ତରରେ ଉଦ୍ୟମ ଜାରି ରଖିଛନ୍ତି। ଉଭୟଙ୍କ ସମର୍ଥକ ମଧ ନିଶ୍ଚିତ ଟିକେଟ ଆମର ବୋଲି କହି ବୁଲୁଛନ୍ତି। ବିଗତ ନିର୍ବାଚନରେ ଆଶାୟୀଙ୍କ ଟିକେଟ କଟିବା ଘଟଣାରେ ଅର୍ଥ ବଳ ଓ ତତ୍କାଳୀନ ବିଜେଡି ନେତା ଦାମୋଦର ରାଉତଙ୍କ ସମ୍ପୃକ୍ତି ରହିଥିବା କୁହାଯାଉଥିଲା। ଏବେ ପୁଣି ସେହି ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଅବଶ୍ୟ ଦାମ ଏବେ ବିଜେଡିରେ ନାହାନ୍ତି। କିନ୍ତୁ ତାଙ୍କ ପୁଅ ବିଜେଡି ଟିକେଟ ପାଇଥିବାରୁ ସେ ପୁଅ ପାଇଁ ଭିତିରିଆ ଗୋଟିଚାଳନା କରିପାରନ୍ତି। ଯଦି ଚଳିତଥର ଟିକେଟ ଚୟନରେ କଂଗ୍ରେସ ପୂର୍ବଭଳି ତ୍ରୁଟି କରେ ତେବେ ଦଳ କ୍ଷତିଗ୍ରସ୍ତ ହେବ ବୋଲି ରାଜନୈତିକ ମହଲରେ କୁହାଯାଉଛି।

### ବିଜେଡିରେ ସୃଷ୍ଟି ହୋଇପାରନ୍ତି ବିଦ୍ରୋହୀ ପ୍ରାର୍ଥୀ

ପାରାଦୀପ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଭଳି ବିଜେଡିରେ ମଧ ବିବାଦ ରହିଛି। ବିଜେଡି ଏଠାରେ ଦାମଙ୍କ ପୁଅ ସମ୍ବିତ ରାଉତରାୟଙ୍କୁ ପ୍ରାର୍ଥୀ କରିଥିବାରୁ ଅନ୍ୟ ଆଶାୟୀମାନଙ୍କ ମଧରେ ଅସନ୍ତୋଷ ରହିଛି। ଏପରିକି ସମ୍ବିତଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଅନ୍ୟତମ ଆଶାୟୀ ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ଖୋଲାଖୋଲି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ୨୦୦୯ ନିର୍ବାଚନର ଅସନ୍ତୁଷ୍ଟ ବିଜେଡି ତଥା ବିଦ୍ରୋହୀ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ତରାଇ ଓ ବାବୁଲି ସ୍ୱାଇଁ ମଧ ବିରୋଧ କରିଛନ୍ତି। ସେମାନେ ଭୁବନେଶ୍ୱର ଯାଇ ନବୀନ ନିବାସ ଆଗରେ ବିକ୍ଷୋଭ ମଧ କରିଛନ୍ତି। ଏମାନଙ୍କ ବ୍ୟତୀତ ଦଳରେ ଚଳିତ ନିର୍ବାଚନ ପାଇଁ ଆହୁରି ଅନେକ ଆଶାୟୀ ଥିଲେ। ତେଣୁ ଦଳ ସମ୍ବିତଙ୍କ ପ୍ରାର୍ଥୀତ୍ୱ ସମ୍ପର୍କରେ ପୁନର୍ବିଚାର ନ କଲେ, ସେମାନେ ବିକଳ୍ପ ବାଟ ଦେଖିବେ ବୋଲି ଚିନ୍ତା କରୁଛନ୍ତି। ଯଦି ସେମାନଙ୍କ ମଧ୍ୟରୁ କିଏ, ବିଦ୍ରୋହୀ ପ୍ରାର୍ଥୀ ଭାବେ ଉଭା ହେଲେ ତେବେ ବିଜେଡି ପାଇଁ ଅଡୁଆ ହୋଇପାରେ।

## ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ସୁକିନ୍ଦା,୩୧।୩(ଡି.ଏନ୍.ଏ.):** ସୁକିନ୍ଦା ଥାନା ଥାର୍ଡ ଆଇଆରବି ବାଟାଲିୟନ କ୍ୟାମ୍ପ ନିକଟ ଜଙ୍ଗଲରୁ ରବିବାର ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ଶରୀର ପଚିଶଢି ଯାଇଥିବାରୁ ପରିଚୟ ମିଳିପାରି ନାହିଁ। ଆଇଆଇସି ବିଚିତ୍ରାନନ୍ଦ ସେଠୀ ଘଟଣାସ୍ଥଳରେ ଏକ ଟିମ୍ ସହ ତଦନ୍ତ ଚଳାଇଛନ୍ତି। ତଦନ୍ତ ବେଳେ ପୋଲିସ ମୃତଦେହ ନିକଟରୁ ଏକ କଳା ରଙ୍ଗର ବ୍ୟାଗ୍ ଓ ଏକ ବିଷ ବୋତଲ ସଂଗ୍ରହ କରିଛି। ତେବେ ଏନ୍‌ଏଚ୍ ୫୩ର ମାତ୍ର କିଛିମିଟର ଦୂରରେ ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅପରପକ୍ଷେ କିଛିଦିନତଳେ ଥାର୍ଡ ଆଇଆରବି ବାଟାଲିୟନରୁ ଜଣେ ବ୍ୟକ୍ତିଙ୍କ ନିଖୋଜ ଥିବା ସମ୍ପର୍କରେ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ନିଖୋଜ ବ୍ୟକ୍ତିଙ୍କ ସହ ଜବତ ମୃତଦେହ ଘଟଣାରେ ସାମଞ୍ଜସ୍ୟ ରହିଛି କି ନାହିଁ ସେ ନେଇ ମଧ ପୋଲିସ ତଦନ୍ତ ଚଳାଇଛି। ନିଖୋଜଙ୍କ ପରିବାର ଲୋକେ ଆସିଲେ କିଛିଟା ତଥ୍ୟ ମିଳି ପାରିବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ ସୁକିନ୍ଦା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଚଳାଇଥିଲା।



ଜବତ ହୋଇଥିବା ଶାଳ କାଠ।

## ଶାଳକାଠ ବୋଝେଇ ଗାଡ଼ି ଜବତ

**ଚଣ୍ଡିଖୋଲ,୩୧।୩(ଡି.ଏନ.ଏ.)**

ବୈରୀ ଡାଳିଯୋଡ଼ା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଚଣ୍ଡିଖୋଲ ଫରେଷ୍ଟ ସେକ୍ସନ ତରଫରୁ ରବିବାର ଭୋର ୪ଟାରୁ ଚୋରା ଶାଳକାଠ ବୋଝେଇ ୩ ଗାଡ଼ି ଜବତ କରାଯାଇଛି। ଝାଡ଼ଖଣ୍ଡ ଅଞ୍ଚଳରୁ ଚୋରା ସାଇଜ ଶାଳକାଠ ବୋଝେଇ କରି ୩ଟି ଗାଡ଼ି ଆସୁଥିବା ଖବରପାଇ କଟକ ଡିଏଫଓ ସୁଦର୍ଶନ ପାତ୍ର ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫରେଷ୍ଟର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ୫ନଂ(କ) ଜାତୀୟ ରାଜପଥର କୁନ୍ଦଳ ଓ ବେଣାପୁର ଛକର ମଧ୍ୟସ୍ଥଳରେ ଜଗି ରହିଥିଲେ। ବନ କର୍ମଚାରୀମାନେ ଗୋଟିଏ (ନଂ.ଜେଏଚ-୦୫ଏୟୁ-୬୭୮୮) ଆମ୍ବୁଲାନ୍ସ, (ନଂ. ଓଆର-୦୯ଏଫ-୫୬୬୬) ପିକଅପ ଗାଡ଼ି ଏବଂ ଏକ ନଂ. ବିହୀନ ବୋଲେରୋ ଅଟକାଇଥିଲେ। ହେଲେ ଡ୍ରାଇଭର ଏବଂ କାଠ ବେପାରୀ ନିକଟସ୍ଥ ବଡ଼ଗେଙ୍ଗୁଟି ନଦୀକୁ ଡେଇଁପଡ଼ି ଫେରାର ହୋଇଯାଇଥିଲେ। ବନବିଭାଗ କର୍ମଚାରୀ ସମ୍ପୃକ୍ତ ଗାଡ଼ିକୁ ତନଖି କଲାବେଳେ ସେଥିରେ ସାଇଜ ଶାଳ କାଠ ଥିବା ଦେଖିବାକୁ ପାଇଥିଲେ। ଯାହାର ମୂଲ୍ୟ ୧.୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି। ଏହି ଚୋରା କାଠ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଯାଇଥାନ୍ତା ବୋଲି ସେ ସୂଚନା ଦେଇଛନ୍ତି।

# ୪୨ ଡିଗ୍ରୀରେ ଟିଟିଲାଗଡ଼

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

- ୬ ଜିଲାରେ ପାରଦ ୪୦ ଡିଗ୍ରୀ ଡେଇଁଲା
- ଆଗକୁ ଆହୁରି ବଢ଼ିବ
- କାଳବୈଶାଖୀ: ୧୦ ଜିଲାକୁ ସତର୍କ ସୂଚନା

ରାଜ୍ୟରେ ବଢ଼ି ଚାଲିଛି ତାପମାତ୍ରା। ଖରାତାତି ସହ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରିଛି। ରାଜ୍ୟବାସୀ ଗରମରେ ଛଟପଟ ହେଉଛନ୍ତି। ସକାଳ ୧୧ଟା ହେବାମାତ୍ରେ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ମାର୍ଚ୍ଚ ମାସରେ ଏଭଳି ପରିସ୍ଥିତିକୁ ନେଇ ଲୋକେ ଛାନିଆ ହୋଇଯାଇଥିବାବେଳେ ବାରମ୍ବାର ବିଦ୍ୟୁତ କାଟ ବିଶେଷକରି ଗ୍ରାମୀଣ ଲୋକଙ୍କ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଛି। ରବିବାର ରାଜ୍ୟର ୬ ଜିଲାର ପାରଦ ୪୦ ଟପିଛି। ସବୁଠୁ ଉତ୍ତପ୍ତ ସହରଭାବେ ଟିଟିଲାଗଡ଼ ଓ ମାଲକାନଗିରି ରହିଛି। ଟିଟିଲାଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଛି। ସେହିଭଳି ମାଲକାନଗିରି ୪୧ଡିଗ୍ରୀ, ତାଳଚେର ୪୦.୬, ଭବାନୀପାଟଣା ୪୦.୨, ଅନୁଗୋଳ ୪୦.୧, ବଲାଙ୍ଗୀର ୪୦, ଝାରସୁଗୁଡା ୩୯.୭, ପାରାଦୀପରେ ୩୧.୯, କୋରାପୁଟ ୩୬.୨, ସମ୍ବଲପୁର ୩୮.୫, କଟକ ୩୭.୬ ଓ ଭୁବନେଶ୍ୱରରେ ସର୍ବାଧିକ ତାପାମାତ୍ରା ୩୬.୭ ଡିଗ୍ରୀ ସେଲସିୟସ୍ ରହିଥିଲା।

ଏପରିସ୍ଥଳେ ଆଗକୁ ଖରା ଓ ତାପମାତ୍ରା ଆହୁରି ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପାଣିପାଗ ବିଶେଷଜ୍ଞ ରମେଶ ନାୟକ କହିଛନ୍ତି, ଉତ୍ତର ଓଡିଶାରେ କାଳ ବୈଶାଖୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତାପମାତ୍ରା ଅଧିକ ରହୁଥିବା ସମୟରେ ଜରୁରୀ କାର୍ଯ୍ୟ ଥିଲେ ସତର୍କତାର ସହିତ ଛତା, ଯୋତା ଓ ମୁଣ୍ଡରେ ଓଦା କପଡା ପକାଇ ବାହାରକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି।

ସେହିଭଳି ଆଗାମୀ ୫ଦିନ ପର୍ଯ୍ୟନ୍ତ ଅପରାହ୍ଣରେ ରାଜ୍ୟର କେତେକ ଜିଲାରେ ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ୧୦ ଜିଲାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଉକ୍ତ ଜିଲାଗୁଡିକ ହେଲା ସୁନ୍ଦରଗଡ, ପୁରୀ, ରାୟଗଡ଼ା, କନ୍ଧମାଳ, ନୟାଗଡ, ଅନୁଗୋଳ, ଗଞ୍ଜାମ, ଢେଙ୍କାନାଳ, କଟକ, ଖୋର୍ଦ୍ଧା। ଆକାଶରେ କଳାବାଦଲ ଦେଖିଲେ ଲୋକେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି।

■ ନିମ୍ନମାନର ରାସ୍ତା କାର୍ଯ୍ୟ ପ୍ରତିବାଦର ପରିଣାମ

## ତଦାରଖକାରୀଙ୍କ ମାଡ଼ରେ ପ୍ରତିବାଦକାରୀ ଗୁରୁତର

**ଦଶରଥପୁର,୩୧।୩ (ଡିଏନ୍‌ଏ):** ନିମ୍ନମାନର ରାସ୍ତା କାର୍ଯ୍ୟ ପ୍ରତିବାଦ କରିବାର ପରିଣାମ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମରେ। ଏଫ୍‌ଡିଆର୍ (ଫ୍ଲଡ୍ ଡ୍ୟାମେଜ୍ ରୋଡ) ଯୋଜନାରେ ଉକ୍ତ ଗ୍ରାମର ବୀର ଯେନାସାହିଠାରୁ ରାୟ ସାହି ପର୍ଯ୍ୟନ୍ତ ୨ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାମ ହେଉଥିଲା। ବ୍ଲକ ଜେଇ ନିର୍ମଳ କେଫଙ୍କ ନାମରେ କାର୍ଯ୍ୟାଦେଶ ଥାଇ ୨୮ ତାରିଖରେ ରାସ୍ତାକାମ ହେଉଥିଲା। ଉକ୍ତ ଗ୍ରାମର ପାଇକିରା ଯେନା ନାମକ ଜଣେ ବ୍ୟକ୍ତି ନିମ୍ନମାନର ରାସ୍ତା କାର୍ଯ୍ୟ କରାଯାଉଥିବା ନେଇ ପ୍ରତିବାଦ କରିଥିଲେ। ଫଳରେ ଉକ୍ତ ରାସ୍ତା କାର୍ଯ୍ୟ ତଦାରଖ କରୁଥିବା ଚାଉଳିଆ ଗ୍ରାମର ସୁରେନ୍ଦ୍ର ଯେନା ଓ ପାଇକିରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣାରେ ହସ୍ତକ୍ଷେପ କରି ଉଭୟଙ୍କୁ ବୁଝାଶୁଝା କରି ଚୁପ୍ କରାଇଥିଲେ। ତେବେ ରବିବାର ପାଇକିରାଙ୍କ ପରିବାରର ଏକ ଏକାଦଶାହ କାର୍ଯ୍ୟ ପାଇଁ ନିକଟସ୍ଥ ଛକକୁ ଯାଉଥିବା ବେଳେ ସୁରେନ୍ଦ୍ର ତାଙ୍କୁ ଏକ ବାଉଁଶ କାଠିରେ ଆକ୍ରମଣ କରିଥିଲେ। ଫଳରେ ପାଇକିରା ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ପାଇକିରାଙ୍କୁ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପାଇକିରାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏ ନେଇ ପାଇକିରାଙ୍କ ପରିବାର ପକ୍ଷରୁ ସତ୍ୟଜିତ ଯେନା ରବିବାର ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରୁ ସୁରେନ୍ଦ୍ରଙ୍କ ମା' ଭାରତୀ ପାଇକିରାଙ୍କ ନାମରେ ଏକ ପାଲଟା ଅଭିଯୋଗ କରିଛନ୍ତି। ପାଇକିରାଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି ଯେ, ୨୮ ତାରିଖରେ ପାଇକିରା ରାସ୍ତାକାମ ଚାଲିଥିବାବେଳେ ସୁରେନ୍ଦ୍ରଙ୍କୁ ମାରିବା ସହ ରବିବାର ଗାଳିଗୁଲଜ ମଧ କରିଥିଲେ। ସୁରେନ୍ଦ୍ର ଏକଥାକୁ ବିରୋଧ କରିବାରୁ ପାଇକିରା ତାଙ୍କୁ ଧକ୍କା ମାରିଥିଲେ। ତେଣୁ ସୁରେନ୍ଦ୍ର ପାଖରେ ପଡିଥିବା ଏକ ବାଡିରେ ପିଟିଦେଇଥିବା କହିଛନ୍ତି। ଉଭୟ ପକ୍ଷରୁ ଏତଲା ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

## ନକଲି ଜର୍ଦ୍ଦା ଜବତ: ଜଣେ ଗିରଫ

**ଛତିଆ,୩୧।୩(ଡି.ଏନ.ଏ.):** ଛତିଆ ବିଟ୍ ହାଉସ୍ ପୋଲିସ ରବିବାର ସକାଳେ ନକଲି ଜର୍ଦ୍ଦା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିଦ୍ୟାଧରପୁର ଗ୍ରାମର କାବୁଲି ନାଥ (୪୨)। ବଡ଼ଚଣା ବ୍ଲକ ନେଳିଆ ପଞ୍ଚାୟତର ବିଦ୍ୟାଧରପୁର ଗ୍ରାମରେ ନକଲି ଜର୍ଦ୍ଦା କାରବାର ହେଉଥିବା ନେଇ ପୋଲିସ ପାଖରେ ଖବର ଥିଲା। କାବୁଲି ସାଇକେଲ ଯୋଗେ ନକଲି ଜର୍ଦ୍ଦା ବିକ୍ରି କରିବାକୁ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ଛତିଆ ବିଟ୍ ହାଉସ୍ ଅଧିକାରୀ ଏ ବିଷୟରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବରଙ୍କୁ ଅବଗତ କରିଥିଲେ। ଥାନାଧିକାରୀ ଶବରଙ୍କ ନିର୍ଦ୍ଦେଶକ୍ରମେ କନଷ୍ଟେବଲ ସନ୍ତୋଷ ବେହେରା, ଗ୍ରାମରକ୍ଷୀ ଅରୁଣ ପ୍ରଧାନ, ଜଗଦୀଶ କର ଛତିଆ କଲେଜ ଛକ ସମ୍ମୁଖରେ କାବୁଲିଙ୍କୁ ଧରିବାରେ ସଫଳ ହୋଇଥିଲେ। କାବୁଲିଙ୍କଠାରୁ ୮ କେଜି ୫୦୦ ଗ୍ରାମର ଜର୍ଦ୍ଦା ଓ ସାଇକେଲ ଜବତ କରିଥିଲେ। ଏ ନେଇ ବୈରୀ ଥାନାରେ ଏକ ମାମଲା (ନଂ.୪୮/୧୯) ରୁଜୁ କରାଯାଇ କାବୁଲିଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଛି।

■ ବଦଳିଲା ଜଗତ୍‌ସିଂହପୁର, ବାଲିକୁଦା-ଏରସମା ସମୀକରଣ

# କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ନଜର

**ଜଗତ୍‌ସିଂହପୁର ଅଫିସ,୩୧।୩**

- ଜଗତସିଂହପୁରରେ ପ୍ରଶାନ୍ତ, ବାଲିକୁଦା-ଏରସମାରେ ରଘୁନନ୍ଦନ ବିଜେଡି ପ୍ରାର୍ଥୀ
- ଭାଜପାର ଏମପି ପ୍ରାର୍ଥୀ ଘୋଷଣା ବାକି

ଜଗତ୍‌ସିଂହପୁର ଓ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣାକୁ ନେଇ ଯେଉଁ କଳ୍ପନା ଜଳ୍ପନା ଲାଗିରହିଥିଲା ତାହା ଦୂର ହୋଇଛି। ରବିବାର ସନ୍ଧ୍ୟାରେ ଜଗତ୍‌ସିଂହପୁରରୁ ପ୍ରଶାନ୍ତ ମୁଦୁଲି ଓ ବାଲିକୁଦା-ଏରସମାରୁ ରଘୁନନ୍ଦନ ଦାସଙ୍କୁ ପ୍ରାର୍ଥୀ କରିବାକୁ ଦଳ ଘୋଷଣା କରିଛି। ଏବେ କେବଳ ପାରାଦୀପ ଓ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ଦେଖିବାକୁ ରହିଲା। ସେହିପରି ଜଗତ୍‌ସିଂହପୁର ଏମ୍‌ପି ସିଟ୍ ପାଇଁ ଭାଜପା କାହାକୁ ପ୍ରାର୍ଥୀ କରିବ ତାହା ଘୋଷଣା ହୋଇନାହିଁ। ଆସନ୍ତା ୨ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବାକୁ ଥିବାରୁ ସୋମବାର କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଘୋଷଣା କରିପାରନ୍ତି।

ଜଗତ୍‌ସିଂହପୁର ବିଧାନ ସଭା ଆସନରେ ବିଜେଡିରୁ ପ୍ରଶାନ୍ତ ପ୍ରାର୍ଥୀ ହେବା ପରେ କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ଓ ଭାଜପା ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ର ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରନ୍ତି। ସେପଟେ ପ୍ରଶାନ୍ତ ପ୍ରାର୍ଥୀ ହେବା ପରେ ବିଜେଡିର ଅନ୍ୟ ଆଶାୟୀମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଦଳର ଅନ୍ୟତମ ଆଶାୟୀ ତଥା ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ଗୋଷ୍ଠୀ ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ତେବେ ଦେଖିବାର ଅଛି ଆଗକୁ ଦଳୀୟ ବିବାଦ ପ୍ରଶମିତ ହେଉଛି କି ବିସ୍ଫୋରଣ ହେଉଛି। କୁହାଯାଉଛି, ଦୀର୍ଘବର୍ଷ ଧରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଏକକ ନେତା ଭାବେ ପରିଚିତ ଥିବା ବିଷ୍ଣୁ ଚରଣ ଦାସ ତିର୍ତ୍ତୋଲରୁ ପ୍ରାର୍ଥୀ ହୋଇଥିଲେ ମଧ ଜଗତ୍‌ସିଂହପୁରରୁ ମୋହ ତୁଟାଇ ପାରିନାହାନ୍ତି। ତେଣୁ ଏହି ଆସନରେ ସେ ତାଙ୍କ ଅନୁଗତ ଅମରେନ୍ଦ୍ରଙ୍କୁ ଦଳୀୟ ଟିକେଟ୍ ଦେବାକୁ ଚାହୁଁଥିଲେ। କିନ୍ତୁ ପ୍ରଶାନ୍ତ ପ୍ରାର୍ଥୀ ହେବା ତାଙ୍କୁ କେତେକାଂଶରେ ନିରାଶ କରିଛି।

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ରାଜନୈତିକ ଚିତ୍ରପଟ ହଠାତ୍ ବଦଳିଯିବାରୁ ଏହାର ପ୍ରଭାବ ଜଗତ୍‌ସିଂହପୁର ଉପରେ ପଡିଛି। ଏହା ଦଳ ପାଇଁ ଲାଭଦାୟକ ହେଉଛି କି କ୍ଷତିଗ୍ରସ୍ତ ହେଉଛି, ତାହା ପରବର୍ତ୍ତୀ ସମୟରେ ଜଣାପଡିବ।

ସେହିପରି ବାଲିକୁଦା-ଏରସମାରେ ଦଳ ଭାଜପା ଛାଡି ବିଜେଡିରେ ମିଶିଥିବା ରଘୁନନ୍ଦନଙ୍କୁ ପ୍ରାର୍ଥୀ କରିଛି। ବରିଷ୍ଠ ନେତା ଦାମୋଦର ରାଉତ ଭାଜପାରେ ମିଶି ସେଠାରେ ପ୍ରାର୍ଥୀ ହୋଇଛନ୍ତି। ଏହାକୁ ସହଜରେ ଗ୍ରହଣ କରି ନ ପାରି ଭାଜପା ଛାଡ଼ି ରଘୁନନ୍ଦନ ବିଜେଡି ଆସିଥିଲେ। ତେଣୁ ଦଳ ତାଙ୍କୁ ପ୍ରାର୍ଥୀ କରି ଦାମଙ୍କୁ ଟକ୍କର ଦେବାକୁ ଯୋଜନା କରିଛି। ଏବେ ଏହି ୨ ନିର୍ବାଚନମଣ୍ଡଳୀରେ ବିଜେଡି ନେତୃତ୍ୱ ସଙ୍ଗଠନକୁ ଏକାଠି କରି ନିର୍ବାଚନରେ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ଜୁଟାଇବା ପାଇଁ କେତେଦୂର ସଫଳ ହେଉଛନ୍ତି ତାହା ସମୟ କହିବ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ ନିମନ୍ତେ ସବୁକିଛି ତ୍ୟାଗ କରାଯାଇପାରେ। କିନ୍ତୁ ସତ୍ୟକୁ କୌଣସି ବସ୍ତୁ ପାଇଁ ତ୍ୟାଗ କରାଯାଇନପାରେ
- ବ୍ୟାସଦେବ



## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର

**କଳିଙ୍ଗନଗର,୩୧।୩(ଡି.ଏନ୍.ଏ.):** ଦାନଗଦୀ ଫାଣ୍ଡି ଅନ୍ତର୍ଗତ ତ୍ରିଜଙ୍ଗା ପଞ୍ଚାୟତ ସିଙ୍ଗାଡିଆ ଗ୍ରାମର ଏକ ଭଡାଘରେ ରବିବାର ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଆଇଟିଆଇ ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ଭଦ୍ରକ ଜିଲା ଧୂଷୁରୀ ଥାନା କୁଇଲେଖା ଗ୍ରାମର ରଞ୍ଜିତ ବିଶ୍ୱାଳ (୧୭)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୮/୨୦୧୯) ରୁଜୁ କରି ମୃତଦେହ ଦାନଗଦୀ ଡାକ୍ତର ଖାନାରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ କ'ଣ ଜଣାପଡି ନାହିଁ। ରଞ୍ଜିତ ନିଜ ଦାଦାଙ୍କ ସହ ତ୍ରିଜଙ୍ଗା ପଞ୍ଚାୟତ ସିଙ୍ଗାଡିଆ ଗ୍ରାମର ଏକ ଭଡାଘରେ ରହି ନିକଟସ୍ଥ ଆଇଟିଆଇ କଲେଜରେ ପାଠ ପଢୁଥିଲେ। ଶନିବାର ରାତିରେ ଦାଦା ଅଭୟ ବିଶ୍ୱାଳ ଘରେ ନ ଥିବାବେଳେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ସକାଳୁ ପାଖ ଲୋକେ କବାଟ ବାଡେଇ ଡାକିଥିଲେ। ବହୁ ସମୟଧରି କବାଟ ନ ଖୋଲି ବାରୁ ସନ୍ଦେହରେ ଦାନଗଦୀ ପୋଲିସକୁ ସୂଚନା ଦେଇଥିଲେ। ଦାନଗଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ରଞ୍ଜିତଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ।

### ବରୀ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚିତ

**ବରୀ,୩୧।୩(ସ୍ୱ.ପ୍ର.):** ବରୀ ବାର୍ ଆସୋସିଏଶନ ପକ୍ଷରୁ ଶନିବାର କର୍ମକର୍ତ୍ତା ନିର୍ବାଚିତ ହୋଇଯାଇଛି। ଏହାକୁ ନିର୍ବାଚନ ଅଧିକାରୀ ଧୀରେନ୍ଦ୍ର କୁମାର ସ୍ୱାଇଁ ପରିଚାଳନା କରିଥିଲେ। ସଭାପତି ରାଜକିଶୋର ସାମଲ, ଉପସଭାପତି ଧୀରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ବାବାଜୀ ଚରଣ ଜେନା, ସହସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ଗୁଣନିଧି ନାୟକ, ପାଠାଗାର ସମ୍ପାଦକ ବାଞ୍ଛାନିଧି ସାହୁ, ପାଠାଗାର ସହସମ୍ପାଦକଭାବେ ତପନ କୁମାର ଜେନା ପ୍ରମୁଖ ଆଇନଜୀବୀ ନିର୍ବାଚିତ ହୋଇଛନ୍ତି। ଏ ସମ୍ପର୍କରେ ସଭାପତି ସାମଲ ରବିବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି। କର୍ମଚାରୀଙ୍କ ତାଲିକା ରାଜ୍ୟ ବାର୍ କାଉନସିଲକୁ ପଠାଯାଇଛି।

### ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

**ଧର୍ମଶାଳା,୩୧।୩,(ଡି.ଏନ.ଏ.):** ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବ୍ଲକ ପରିସରରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଅଧକ୍ଷତା କରିଥିଲେ। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁ, ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ, ଜେନାପୁର ଥାନାଧିକାରୀ ସୁଶାନ୍ତ ଦାସ, କୁଆଖିଆ ଥାନାଧିକାରୀ ମନୋଜ ସ୍ୱାଇଁ, ସମସ୍ତ ଫ୍ଲାଇଂ ସ୍କ୍ୱାଡ ଅଧିକାରୀ ଓ ସେକ୍ଟର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତରେ ୧୯୮ ଓ ରସୁଲପୁର ବ୍ଲକର ୯ ପଞ୍ଚାୟତରେ ୬୦ ବୁଥ୍ ଗଠନ କରାଯାଇଛି। ମୋଟ ୨୫୮ ବୁଥ୍ ମଧ୍ୟରୁ ୩୦ଟି ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଛି। ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ଅତିରିକ୍ତ ଜିଲାପାଳ ମହାନ୍ତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଧର୍ମଶାଳା ବିଡିଓ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଯୁବ, ମହିଳା କଂଗ୍ରେସ ପକ୍ଷରୁ ଭୋଟ ସଚେତନତା ରାଲି

**ଯାଜପୁରରୋଡ,୩୧।୩(ନି.ପ୍ର.):** କୋରେଇ ନିର୍ବାଚନମଣ୍ଡଳୀର ଯୁବ ଓ ମହିଳା କଂଗ୍ରେସ ନେତୃତ୍ୱରେ ରବିବାର ବ୍ୟାସନଗର ପୌର ପରିଷଦରେ ଏକ ଭୋଟ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ପୌର ପରିଷଦର ୨୬ ୱାର୍ଡ ପରିକ୍ରମା କରି ଭୋଟ ସଚେତନତା ସମ୍ପର୍କରେ ଅବଗତ କରାଇଥିଲା। ଭୋଟ ଦେବା ନାଗରିକଙ୍କ ଅଧିକାର, ନାଗରିକ କିପରି ନିର୍ଭୟରେ ଭୋଟ ଦେବେ, ସେ ସମ୍ପର୍କରେ ବିଭିନ୍ନ ନାରା ଦିଆଯାଇଥିଲା। କୋରେଇ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ବ୍ୟାସନଗର କଂଗ୍ରେସ ସଭାପତି ତପନ ନାୟକ, ଜିଲା ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ରାଜ୍ୟ କଂଗ୍ରେସ ମହିଳା ସମ୍ପାଦିକା ନିର୍ମଳା ମଲ୍ଲିକ, ମମତା ନାୟକ, ଉତ୍କଳ ପରିଡା, କଳିଙ୍ଗ କେଶରୀ ସିଂ, ଅବିନାଶ ଦାୟକ, ଅମର ବିଶ୍ୱାଳ, ସୁଦୀପ୍ତ ସାମନ୍ତରାୟ, ଚନ୍ଦ୍ରଶେଖର ପରିଡା, ପ୍ରମୋଦ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମରାମତି ନାଁରେ ଅର୍ଥ ହଡ଼ପ

**ଚଣ୍ଡିଖୋଲ,୩୧।୩(ଡି.ଏନ.ଏ.)**

**ବାଲିଚନ୍ଦ୍ରପୁର- କୁଆଁପାଳ ରାସ୍ତା**



■ ୭ କି.ମି. ରାସ୍ତା ମରାମତି ପାଇଁ ୭ କୋଟି ବ୍ୟୟବରାଦ

■ ଜଳସମ୍ପଦ ଓ ପୂର୍ତ୍ତ ବିଭାଗ ମଧ୍ୟରେ ବିବାଦ

ଯାଜପୁର ଜିଲା ବାଲିଚନ୍ଦ୍ରପୁରଠାରୁ କଟକ ଜିଲାର କୁଆଁପାଳ ପର୍ଯ୍ୟନ୍ତ ଦୀର୍ଘ ୭ କି.ମି. ରାସ୍ତା କଟକ ପୂର୍ତ୍ତ ବିଭାଗ ଡିଭିଜନ- ୨ ଅଧୀନରେ ରହିଛି। ଏହି ରାସ୍ତାର ପୁନରୁଦ୍ଧାର ପାଇଁ ୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ରାସ୍ତାମଝିରେ ଗଛ ଓ କଲଭର୍ଟ ଥିବାବେଳେ ଏହାକୁ ନ ଉଠାଇ ପ୍ରଶସ୍ତୀକରଣ କରାଯିବା ଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିଲା। ପଟ୍ଟାମୁଣ୍ଡାଇ କେନାଲ ପାର୍ଶ୍ୱକୁ ଖୋଳି ଗାର୍ଡୱାଲ ନିର୍ମାଣ କରିବା ଯୋଗୁ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ବିବାଦ ଘନୀଭୂତ ହୋଇଥିଲା। ସେହିପରି ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ବିନା ଅନୁମତିରେ ଏହି ରାସ୍ତାର କୁସୁପୁର-ବାଗସରପୁର ମଧ୍ୟରେ ଠିକାଦାର କେନାଲ ଅଂଶକୁ ଖୋଳି ଗାର୍ଡୱାଲ ନିର୍ମାଣ କରିବାକୁ ମସୁଧା କରୁଥିଲେ। ଫଳରେ ଜଳସମ୍ପଦ ବିଭାଗର ବାଲିଚନ୍ଦ୍ରପୁର ସେକ୍ସନ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ଓଝା ଓ ନୃର୍ତ୍ତାଙ୍ଗ ଉପନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ ଗତ ୧୭ ତାରିଖରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା ଓ ସାଲେପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଦାସଙ୍କ ନାମରେ ମାହାଙ୍ଗା ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲା ଗ୍ରହଣ କରି ତୁରନ୍ତ ଉଭୟଙ୍କୁ ଡାକି ଖୋଳିଥିବା ସ୍ଥାନ ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ପୂର୍ତ୍ତ ବିଭାଗ ଖୋଳିଥିବା କେନାଲ ଅଂଶକୁ ପୋତିବା ଆରମ୍ଭ କରିଛି। ତେବେ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ତୁରନ୍ତ ଏହାର ତଦନ୍ତ କରାଯାଇ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଜଗତପୁର-ପଟ୍ଟାମୁଣ୍ଡାଇ କେନାଲ କଡ଼େ କଡ଼େ ବିରୂପା ନଦୀବନ୍ଧ ଉପରେ ରହିଛି କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତା। ଏହି ରାସ୍ତାକୁ ଗତ କିଛି ବର୍ଷ ତଳେ ଜଳସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିଲା। ପୂର୍ତ୍ତ ବିଭାଗ ଅଧୀନକୁ ଆସିବା ପରେ ରାସ୍ତାର ମରାମତି କରାଯିବା ସହ ୨୦୧୮-୧୯ ଆର୍ଥିକ ବର୍ଷରେ ରାସ୍ତାର ନବୀକରଣ କରିବା ସହ ପ୍ରଶସ୍ତ କରିବା ପାଇଁ ୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ପ୍ରଶସ୍ତୀକରଣ କରିବା ନାମରେ ରାସ୍ତା ଉପରେ ଥିବା କଲଭର୍ଟ ସ୍ଥାନାନ୍ତର ନ କରି ର ଠ କରି କାମ କରିଯାଇଥିଲେ। ଯଦ୍ୱାରା ଦୁର୍ଘଟଣାରେ ୨ ଜୀବନ ଯିବା ସହ ବହୁ ବାଇକ ଚାଳକ ଆହତ ହୋଇଥିଲେ। ଏପରି କି ବାଲିଚନ୍ଦ୍ରପୁର ସରପଞ୍ଚ ଫଣୀନ୍ଦ୍ରନାଥ ପଣ୍ଡା ଦୁର୍ଘଟଣାର ସମ୍ମୁଖୀନ ହୋଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କଟକ ପୂର୍ତ୍ତ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ସୁଧୀର ପଣ୍ଡାଙ୍କୁ ପଚାରିବାରୁ, ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ କଲଭର୍ଟ ସ୍ଥାନାନ୍ତର ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିସହ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ହୋଇଥିବା ବିବାଦର ସମାଧାନ ହୋଇଯାଇଥିବା ପ୍ରକାଶ କରିଛନ୍ତି।

### ଟିକେଟ ପାଇବା ପରେ ମଙ୍ଗଳା ଦର୍ଶନ କଲେ ଉମେଶ

**ରତ୍ନଗିରି,୩୧।୩(ଡି.ଏନ.ଏ.)**

ବରୀ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଟିକେଟ ପାଇବା ପରେ ଉମେଶ ଜେନା ରବିବାର ଗୋଳକୁଣ୍ଡ ବଟ ମଙ୍ଗଳା ପୀଠରେ ପୂଜାର୍ଚ୍ଚନା କରିଛନ୍ତି। ଗୋପାଳପୁରଠାରୁ ଦଳୀୟ କର୍ମୀମାନେ ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ବିଗତ ଦିନରେ ବରୀ କଂଗ୍ରେସ ସ୍ଥାଣୁ ଥିଲାବେଳେ ଜଣେ ଯୁବ ନେତା ପ୍ରାର୍ଥୀ ହୋଇଥିବାରୁ ଯୁବପିଢିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ସମ୍ବର୍ଦ୍ଧନା ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ଅଶୋକ କୁମାର ବେହେରା, ଅମରେଶ ପରିଡା, ପୂର୍ବତନ ସରପଞ୍ଚ ପ୍ରଭାତ ରାୟ, ରତ୍ନଗିରି ସରପଞ୍ଚ ଅଶୋକ କୁମାର ଜେନା, ୨୨ ନଂ. ଜୋନ୍ ସଭାପତି ମନୋଜ ଦାସ, ୨୧ ନଂ. ଜୋନ୍ ସଭାପତି ନିର୍ମଳ ଯତି, ୨୪ ନଂ. ଜୋନ୍ ସଭାପତି ନିର୍ମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ବଡ଼ଚଣା ପାଇଁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ

# କଂଗ୍ରେସର ଅଙ୍କ ଛିଣ୍ଡୁନି

**ଚଣ୍ଡିଖୋଲ,୩୧।୩(ଡି.ଏନ.ଏ.)**

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ ୪୩ ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୨୯ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ୨ ତାରିଖଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଭାଜପା ତା'ର ପ୍ରାର୍ଥୀ ଭାବେ ଅମର ନାୟକଙ୍କ ନାମ ଘୋଷଣା କରିଥିବାବେଳେ ବିଜେଡି ଏଠାରୁ ୫ ଥର ବିଧାୟକ ହୋଇଥିବା ଅମର ପ୍ରସାଦ ଶତପଥୀଙ୍କୁ ପୁଣିଥରେ ଟିକେଟ ପ୍ରଦାନ କରିଛି। ହେଲେ ଏପର୍ଯ୍ୟନ୍ତ କଂଗ୍ରେସର ଅଙ୍କ ଛିଣ୍ଡୁନି। କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ କିଏ ଟିକେଟ ପାଇବ, ସେ ନେଇ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢିଚାଲିଛି। ଚଳିତଥର ପୂର୍ବତନ ମନ୍ତ୍ରୀ ତଥା ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ସୀତାକାନ୍ତ ମହାପାତ୍ର ଟିକେଟ ଦୌଡ଼ରେ ଥିବାବେଳେ ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଶୁଭେନ୍ଦୁ ମହାନ୍ତି ମଧ୍ୟ ଆଶାୟୀ ଅଛନ୍ତି। ପିସିସି ଉପସଭାପତି ମହାନ୍ତି ଜଣେ ଯୁବନେତା ଭାବେ ବଡ଼ଚଣାରେ ପରିଚୟ ସୃଷ୍ଟି କରିପାରିଛନ୍ତି। ସେହିଭଳି ସୀତାକାନ୍ତ ମହାପାତ୍ର ୧୯୮୦, ୧୯୮୫ ଓ ୨୦୦୪ରେ ଏଠାରୁ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ, ୨୦୦୯ରେ କଂଗ୍ରେସ ଟିକେଟରେ ଲଢି ସୀତାକାନ୍ତ ୩୨ ହଜାର ୮ ଶହ ୨୪ ଖଣ୍ଡ ଭୋଟ ପାଇ ଅମର ପ୍ରସାଦ ଶତପଥୀଙ୍କଠାରୁ ପରାସ୍ତ ହୋଇଥିଲେ। ପରେ ୨୦୧୪ରେ ତାଙ୍କୁ ଟିକେଟ ଦିଆ ନ ଯାଇ ଜନ୍ମେଜୟ ଲେଙ୍କାଙ୍କୁ ଟିକେଟ ମିଳିଥିଲା। ସେ ୩୬ ହଜାର ୩୮୩ ଭୋଟ ପାଇଥିଲେ ମଧ୍ୟ ବିଧାୟକ ଶତପଥୀଙ୍କଠାରୁ ହାରିଯାଇଥିଲେ। ଗତ ୨ଟି ବିଧାନସଭା ନିର୍ବାଚନରେ କଂଗ୍ରେସ ବଡ଼ଚଣାରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିଲା ବେଳେ ଟିକେଟ ଚୟନର ଅସୁବିଧା ଦଳକୁ ଅଡୁଆରେ ପକାଉଥିବା ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି।

### 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ବିଞ୍ଝାରପୁର,୩୧।୩(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିତନା ପଞ୍ଚାୟତରେ ରବିବାର ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିତନା ପଞ୍ଚାୟତ ମହିଳା ବିଜେଡି ସଭାପତି ରଞ୍ଜିତା ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ତଥା ବିଜେଡି ନେତ୍ରୀ ପ୍ରିୟତମା ବେହୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ସରକାର ସମୟରେ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିକାଶ ଓ ଗରିବ ଦୂରୀକରଣ ଯୋଜନାଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡିର ଏକ ପ୍ରତିନିଧି ଦଳ ପଞ୍ଚାୟତରେ ଘର ଘର ବୁଲି ଲୋକଙ୍କୁ ବିଜୁ ଜନତା ଦଳ ସପକ୍ଷରେ ପ୍ରବର୍ତ୍ତାଇବା ସହିତ ଆମ ଚିହ୍ନ ଶଙ୍ଖ ଚିହ୍ନର ପୋଷ୍ଟର ଲଗାଇ ଥିଲେ। ଏହି ପ୍ରତିନିଧି ଦଳ ବିତନା, ବାଲିସାହି, ବରିକୁଳ ପ୍ରମୁଖ ଗାଁ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିତନା ମହିଳା ବିଜେଡିର ସାଧାରଣ ସମ୍ପାଦିକା ରଂଜିତା ନାୟକ, ପଞ୍ଚାୟତ ନାଏବ ସରପଞ୍ଚ ଅମିତା ସ୍ୱାଇଁ, ପ୍ରତିଭା ମଞ୍ଜରୀ ଦାସ, ମାଳତି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

■ ଧାନ କ୍ରୟବେଳେ ଓଜନରେ ଠକେଇ

# ବ୍ୟବସାୟୀଙ୍କୁ ଅଟକ ରଖିଲେ ଚାଷୀ



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ।

**ଦଶରଥପୁର,୩୧।୩(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ନୂଆପାଟଣା ଗ୍ରାମର ଚାଷୀ ଧାନ ବିକ୍ରିବେଳେ ଠକାମିର ଶିକାର ହୋଇଛନ୍ତି। ରବିବାର ଗ୍ରାମରେ ଧାନ କିଣିବାକୁ ଆସିଥିବା ସ୍ଥାନୀୟ ଅଞ୍ଚଳର ଜଣେ ବେପାରୀ ଚାଷୀଙ୍କଠାରୁ ଧାନ କ୍ରୟବେଳେ ଓଜନରେ ଠକାମି କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗ୍ରାମରେ ଅଟକାଇଥିଲେ। ପରେ ଗ୍ରାମରେ ଏକ ବୈଠକରେ ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଥାଲକୁଡି ପଞ୍ଚାୟତ କରାଣ୍ଡିପୁର ଗ୍ରାମର ସେକ୍ ମୋରାଜ୍ ଅଲ୍ଲି ଚାଷୀଙ୍କଠାରୁ ଧାନ କ୍ରୟବେଳେ ପ୍ରତି କୁଇଣ୍ଟାଲ ପିଛା ୧୨ରୁ ୧୫ କିଲୋ ଧାନ ଠକିଥିଲେ। ଏହି ସମୟରେ କେତେଜଣ ଚାଷୀ ଓଜନରେ ଚଞ୍ଚକତାକରୁଥିବା ବେପାରୀଙ୍କ ଠକାମିକୁ ଧରି ଦେଇଥିଲେ। ପରେ ଗ୍ରାମବାସୀ ସେକ୍ ମୋରାଜଙ୍କ ସହ ତାଙ୍କ ସାଙ୍ଗରେ ଆସିଥିବା କେତେଜଣ ପିଲାଙ୍କୁ ଗ୍ରାମରେ ଅଟକ ରଖିଥିଲେ। ଖବରପାଇ ଥାଲକୁଡି ଏବଂ କରାଣ୍ଡିପୁର ଗ୍ରାମର କେତେକ ଭଦ୍ରବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଆପୋସ ସମାଧାନ କରିବା ସହ ସେକ୍ ମେରାଜଙ୍କଠାରୁ ୨୫ ହଜାର ଟଙ୍କା ଜରିମାନା ରଖିଥିଲେ।

# ଅଶୁଂଘାତ ମୁକାବିଲା, ଜଳକଷ୍ଟ ଦୂରୀକରଣ ପ୍ରତି ନିଘା ନାହିଁ

**ବିଞ୍ଝାରପୁର,୩୧।୩(ଡି.ଏନ.ଏ)**

**ନିର୍ବାଚନ ପାଇଁ ବ୍ୟସ୍ତ ପ୍ରଶାସନ**

ଏପ୍ରିଲ ମାସ ଆରମ୍ଭ ନ ହେଉଣୁ ଖରା ପ୍ରକୋପରେ ଲୋକେ ଅତିଷ୍ଠ ହୋଇପଡିଲେଣି। ଗରମ ଗୁଳିଗୁଳି ଜନ ଜୀବନକୁ ଅସ୍ତବ୍ୟସ୍ତ କରିଲାଣି। ଏଥର ଅଶୁଂଘାତ ଓ ପାନୀୟ ଜଳ ସମସ୍ୟାରେ ବିଞ୍ଝାରପୁରବାସୀ ହନ୍ତସନ୍ତ ହେବାର ସମ୍ଭାବନା ବଢିଚାଲିଛି। ମାତ୍ର ପ୍ରଶାସନ ନିର୍ବାଚନୀ କାର୍ଯ୍ୟରେ ବ୍ୟସ୍ତ ରହି ପାନୀୟ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ସୋଲାର ପମ୍ପ, ନଳକୂପ, ସ୍ୱଜଳଧାରା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡିରହିଥିଲେ ହେଁ ଏ ସବୁକୁ ସଚଳ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବ୍ଲକର ଅଧିକାଂଶ ପଞ୍ଚାୟତଗୁଡିକରେ ରହିଥିବା ଦଳିତ ସାହିରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କଣ୍ଟିପୁର, ଫତେପୁର, ବାଛୋଳ, ନାଉବାଙ୍ଗ, ଜରୀ, ବାଙ୍ଗରା ଆଦି ପଞ୍ଚାୟତର ବହୁ ସ୍ଥାନରେ ଅଚଳ ନଳକୂପ ରହିଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ତେବେ ପାନୀୟ ଜଳ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ବ୍ଲକ ପ୍ରଶାସନ ମଧ୍ୟ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଉ ନ ଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ନିର୍ବାଚନ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ନିର୍ବାଚନ ପାଇଁ ବ୍ୟସ୍ତ ରହି ପ୍ରଶାସନ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କଥା ଭୁଲି ଯାଉଛି ବୋଲି ଅଭିଯୋଗ ହେଉଛି। ଏନେଇ ବିଞ୍ଝାରପୁର ବିଡିଓ ମିନତୀ ଜଗଦେବଙ୍କୁ ପଚାରିବାରୁ ସେ କୁହନ୍ତି, ନିର୍ବାଚନ ପ୍ରସ୍ତୁତିକୁ ନେଇ ବ୍ୟସ୍ତ ରହିଛନ୍ତି। ଏଥିନେଇ କୌଣସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି।

### ଶିବ ମନ୍ଦିରରୁ ଚୋରି

**କୋରେଇ,୩୧।୩(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତରେ ଶନିବାର ରାତିରେ ଜଳନ୍ଦା ଗ୍ରାମ ଶିବ ମନ୍ଦିର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ କଳାକନା ବୁଲାଇ ଦେଇଛନ୍ତି। ମନ୍ଦିରର ସୁନା, ଘଣ୍ଟା, ମାଇକ ସେଟ ସହ ସମସ୍ତ ଆସବାବପତ୍ର ଚୋରି ହୋଇଛି। ରବିବାର ସକାଳୁ ମନ୍ଦିରକୁ ଭକ୍ତମାନେ ଯିବାବେଳେ ଗ୍ରୀଲ ଭଙ୍ଗାଯାଇଛି। ପୂଜକ ଭିତରକୁ ଯାଇ ଦେଖିବା ବେଳକୁ ସବୁ ଚୋରି ହୋଇଛି। ଏ ନେଇ କୋରେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।

■ ରାଣିଗୋଡା, ତେଲିଆ ମେଳଣ ଉଦ୍‌ଯାପିତ

# ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କଲେ ଶ୍ରଦ୍ଧାଳୁ



ଦର୍ଶକ ମେଳଣ ଉତ୍ସବକୁ ଉପଭୋଗ କରୁଛନ୍ତି।

**କୋରେଇ,୩୧।୩(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବହୁ ପୁରାତନ ରାଣିଗୋଡା, ତେଲିଆ ମେଳଣ ଉତ୍ସବ ରବିବାର ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ରାତିରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଥାନପତି, ରାଣିଗୋଡା, କଡମିଆଁ, ହଟପୁର ଆଦି ୪ ବିମାନ ଯୋଗଦେଇଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ବିମାନ ଉପରେ ରଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ଭିକାରୀ ମହାନ୍ତି, ସମ୍ପାଦକ ଶିବ ସାହୁ, କୋଷାଧ୍ୟକ୍ଷ ଭାସ୍କର ସାହୁ, ବିଜୟ ସାହୁ, ଆନନ୍ଦ ଭୂୟାଁ, ନିରାକାର ମଲିକ, କାଳନ୍ଦୀ ମଲିକ, ଭାସ୍କର ମଲିକ, ଗଜେନ୍ଦ୍ର ନାୟକ, ଅଜୁ ସାହୁ, ପରମାନନ୍ଦ ସାହୁ, ଦୀପକ ଯେନା, ଭରତ ମହାନ୍ତି, ନାରାୟଣ ସାହୁ, ନରେନ୍ଦ୍ର ସାହୁ, ମଙ୍ଗୁଳି ମଲିକ, ରବି ପଣ୍ଡା, ଶଶିକାନ୍ତ ନାୟକ, ଅଶୋକ ସାହୁ, ଦଶରଥ ସେନାପତିଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ ଦିନକ ପରେ ନାମାଙ୍କନପତ୍ର ଦାଖଲ

# ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ

**ଯାଜପୁର ଅଫିସ,୩୧।୩**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

**ଯାଜପୁର ଜିଲା**

■ ୧ ଲୋକସଭା, ୭ ବିଧାନସଭା ମଣ୍ଡଳୀ

■ ବୈତରଣୀ ରିଂ ରୋଡ ପଟୁ ହେବ ପ୍ରାର୍ଥୀଙ୍କ ପ୍ରବେଶ

ଦିନକ ପରେ ଅର୍ଥାତ ଏପ୍ରିଲ ୨ରେ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ଆସନ୍ତା ୯ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି। ୧୦ରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୨ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ସମୟ ସୀମା ଧାର୍ଯ୍ୟ ହୋଇଛି। ତେବେ ଏପ୍ରିଲ ୭ ରବିବାର ଯୋଗୁ ପ୍ରାର୍ଥିପତ୍ର ଦାଖଲ ହୋଇପାରିବ ନାହିଁ। ଏହି ମର୍ମରେ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦାୟିତ୍ୱରେ ଥିବା ପ୍ରତ୍ୟେକ ରିଟର୍ନିଂ ଅଫିସର, ସହକାରୀ ରିଟର୍ନିଂ ଅଫିସର ଓ ସହଯୋଗ କର୍ମଚାରୀମାନେ ସମବଦ୍ଧ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ପରାମର୍ଶ ଦେଇଛନ୍ତି। ନିର୍ବାଚନ ଆୟୁକ୍ତଙ୍କ ନିୟମାବଳୀ ଆଧାରରେ ଯେପରି ନାମାଙ୍କନ ପତ୍ର ଦାଖଲ ହୁଏ ଓ ପ୍ରାର୍ଥୀଙ୍କୁ ଯଥାସମ୍ଭବ ସହଯୋଗ କରି ନାମାଙ୍କନ ପତ୍ର ଦାଖଲ ଯଥା ଶୀଘ୍ର ସମାପନ ହୁଏ ସେଥିପ୍ରତି ପ୍ରତ୍ୟେକ ସଚେତନ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପ୍ରାର୍ଥୀଙ୍କ ପାଇଁ ଯେଉଁ ନିୟମାବଳୀ କରାଯାଇଛି ସେହି ଆଧାରରେ ସେମାନେ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟର ୧୦୦ ମିଟର ପରିସରରେ ମଧ୍ୟରେ ସର୍ବାଧିକ ୩ଟି ଗାଡି ଆଣିବା ସହ ସର୍ବାଧିକ ୫ଜଣ (ପ୍ରାର୍ଥୀଙ୍କୁ ମିଶାଇ) ରିଟର୍ନିଂ ଅଫିସରଙ୍କ ପାଖକୁ ଆସି ପାରିବେ। ସମସ୍ତ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ପ୍ରବେଶ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମୁଖ ଭାଗ ଅର୍ଥାତ ବୈତରଣୀ ରିଂ ରୋଡ ପଟୁ ହିଁ ହେବ। ପ୍ରାର୍ଥୀଙ୍କ ଗାଡ଼ି ବାଳାଶ୍ରମ ପଡ଼ିଆରେ ରଖାଯାଇ ପାରିବ। ନାମାଙ୍କନ ପତ୍ର ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ନାମାଙ୍କନ ପତ୍ର ଦାଖଲରେ ନିୟୋଜିତ ସମସ୍ତ କର୍ମଚାରୀ ଓ ଅଧିକାରୀ ପୂର୍ବାହ୍ଣ ସାଢେ ୯ଟାରେ କାର୍ଯ୍ୟାଳୟକୁ ଆସିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ନାମାଙ୍କନ ପତ୍ର ଦାଖଲ ପାଇଁ ଆସୁଥିବା ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କ ପାଇଁ କମିଶନ ଧାର୍ଯ୍ୟ କରିଥିବା ଆଚରଣ ବିଧି ଓ ନିୟମାବଳୀ ପାଳନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଆବଶ୍ୟକ କାଗଜପତ୍ର, ପ୍ରମାଣପତ୍ର, ସତ୍ୟପାଠ ଇତ୍ୟାଦି ଠିକ ଭାବେ ଆଣି ଆସିବା ସହ ଶୃଙ୍ଖଳିତ ଭାବେ ନାମାଙ୍କନ ପତ୍ର ଦାଖଲ ପାଇଁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ପ୍ରାର୍ଥୀଙ୍କ ସୁବିଧା ପାଇଁ ମଧ୍ୟ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସହାୟତା ଯୋଗାଇବାର ବ୍ୟବସ୍ଥା ହୋଇଛି। ପ୍ରାର୍ଥୀ ବା ତାଙ୍କ ପ୍ରତିନିଧି ଆଗରୁ ଆସି ମଧ୍ୟ ନାମାଙ୍କନର ବିବିଧ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇପାରିବେ। ଫଳରେ ନାମାଙ୍କନ ପତ୍ର ଦାଖଲ ସହଜ ହୋଇପାରିବ। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳ, ନିର୍ବାଚନ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ପ୍ରଜ୍ଞା ହୋତା, ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ମନୋବୈଜ୍ଞାନିକ ଚିକିତ୍ସା ପ୍ରଣାଳୀ ପ୍ରଶିକ୍ଷଣ ଶିବିର

**ଦଶପଲ୍ଲା,୩୧।୩(ଡି.ଏନ.ଏ.):** ସ୍ଥାନୀୟ ବିବେକାନନ୍ଦ କୋଚିଂ ସେଣ୍ଟର ପରିସରରେ ମନୋବୈଜ୍ଞାନିକ ଚିକିତ୍ସା ପ୍ରଣାଳୀ ବିଷୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ହାଡିବନ୍ଧୁ ମହାକୁଡ ମୁଖ୍ୟଅତିଥି ଓ ଡ. ଅଖିଳ ଚନ୍ଦ୍ର ରଣା, ବିପିନ ବିହାରୀ ଶତପଥୀ, ଦେବରାଜ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଣିଷର ଶରୀର ଓ ମନ ଉପରେ ପ୍ରଭାବ ପକାଉଥିବା ଖାଦ୍ୟ, ପାଣି ପ୍ରଭାବରେ ବିଭିନ୍ନ ରୋଗ ସୃଷ୍ଟିକରୁଥିବା ଶକ୍ତିଗୁଡ଼ିକୁ କିଭଳି ପ୍ରତିହତ କରାଯାଇ ପାରିବ ଏବଂ ମଣିଷ ନୀରୋଗ ରହିବ ସେ ସମ୍ପର୍କରେ ଅତିଥିମାନେ ପ୍ରଶିକ୍ଷଣ ଦେଇଥିଲେ। ସରୋଜ କୁମାର ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଶିବିରରେ ବହୁ ଛାତ୍ରୀଛାତ୍ର, ଆଇନଜୀବୀ, ଶିକ୍ଷକ ଓ ଚିକିତ୍ସକ ଯୋଗଦେଇଥିଲେ।

## ଭାଜପା କର୍ମକର୍ତ୍ତା ବୈଠକ

**ବୋଲଗଡ଼,୩୧।୩(ଡି.ଏନ.ଏ.):** ବେଗୁନିଆ ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତାମାନଙ୍କ ଏକ ବୈଠକ ଗୁରୁବାର ଅପରାହ୍ନରେ ରାଜସୁନାଖଳାସ୍ଥିତ କଲ୍ୟାଣୀମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଭାଜପା ନେତା ଅଶୋକ କୁମାର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଭାଜପାର ଭୁବନେଶ୍ୱର ଲୋକସଭା ପ୍ରାର୍ଥିନୀ ଅପରାଜିତା ଷଡଙ୍ଗୀ ଏବଂ ବେଗୁନିଆ ବିଧାନସଭା ପ୍ରାର୍ଥୀ ରିଷଭ ନନ୍ଦ ଯୋଗଦେଇଥିଲେ । ଉଭୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ବିଜୟ କରିବା ନେଇ ଏଠାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଭାଜପା ପ୍ରଭାରୀ ଠାକୁର ରଣଜିତ ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡଙ୍ଗୀ, ଜିଲା ସାଧାରଣ ସମ୍ପାଦକ ଲୋତକବିନ୍ଦୁ ପଟ୍ଟନାୟକ, ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ନିଖୋଜ ନାବାଳିକା ଉଦ୍ଧାର

**ନିରାକାରପୁର,୩୧।୩(ଡି.ଏନ.ଏ.):** ନିରାକାରପୁର ପୋଲିସ ପକ୍ଷରୁ ପୁରୀରେ ଚଢାଉ କରାଯାଇ କଟକ ବୈଦେଶ୍ୱର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ରବିବାର ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ, କଟକ ସହର ବୈଦ୍ୟେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକା ରାମେଶ୍ୱରସ୍ଥିତ ନିଜ ବଡଭଉଣୀ ଘରକୁ ବୁଲି ଆସିଥିବାବେଳେ ଚଳିତ ମାସ ୧୬ ତାରିଖରେ ନିଖୋଜ ହୋଇଯାଇଥିଲେ। ଏ ନେଇ ଯୁବତୀଙ୍କ ମା' ନିରାକାରପୁର ଥାନାରେ ଗତ ୧୯ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ । ନିରାକାରପୁର ପୋଲିସ କେସ୍ ନଂ ୧୫/୧୯ରେ ତଦନ୍ତ ଜାରି ରଖିଥିଲା । ଥାନା ଅଧିକାରୀ ଭବାନୀଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା ।

## ଡିଜିଟାଲ ଗ୍ରାମ ସଚେତନତା ଶିବିର



**ନିରାକାରପୁର,୩୧।୩(ଡି.ଏନ.ଏ.):** ଡିଜିଟାଲ ଗ୍ରାମ ଘୋଷିତ ଗୋଲବାଇ ଗାଁରେ ରବିବାର ଏକ ଜନ-ସଚେତନତା ଅନୁଷ୍ଠିତ ହୋଇଯାଇଛି । ଗୋଲବାଇସ୍ଥିତ ଜନସେବା କେନ୍ଦ୍ର ପକ୍ଷରୁ ଆୟୋଜିତ ଫାଇନାନ୍ସିଆଲ୍ ଇନ୍କ୍ଲୁଜନ ବିଷୟରେ ଲୋକଙ୍କୁ ସଚେତନତା କରାଯାଇଥିଲା । ଲୋକମାନେ କିଭଳି କ୍ୟାସ୍‌ଲେସ୍ କାରବାର କରିପାରିବେ, ଇ-ବ୍ୟାଙ୍କିଂ ସହିତ ଅର୍ଥ ନେଣଦେଣ କରିପାରିବେ ସେ ନେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ସିଏସ୍‌ସି ପ୍ରବନ୍ଧକ ସୁଶାନ୍ତ କୁମାର ସ୍ୱାଇଁ, ବରିଷ୍ଠ ପରିଚାଳକ ଜିତେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା/ପୁରୁଷ ଯୋଗଦେଇ କ୍ୟାସ୍‌ଲେସ୍ କାରବାର ବିଷୟରେ ବୁଝିଥିଲେ । ଗୋଲବାଇ ସିଏସ୍‌ସି ପରିଚାଳକ ପଦ୍ମନାଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିରାକାରପୁର ସିଏସ୍‌ସି ପରିଚାଳକ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ନିର୍ମାଣ ଶ୍ରମିକଙ୍କୁ ଅଣଦେଖା

# ଠିକ୍ ସମୟରେ ମିଳୁନି ସହାୟତା ରାଶି

**ନୟାଗଡ଼ ଅଫିସ,୩୧।୩**

ନୟାଗଡ଼ ବ୍ଲକ ଲାଠିପଡ଼ା ଗ୍ରାମର ଅନାମ ପ୍ରଧାନ ଜଣେ ନିର୍ମାଣ ଶ୍ରମିକ। ୬ମାସ ତଳେ ସେ ଧାରକରଜ କରି ନିଜ ଝିଅ ବାହାଘର କରିଥିଲେ। ସରକାରଙ୍କ ନିୟମ ଅନୁସାରେ ଝିଅ ବିବାହ ସହାୟତା ବାବଦରେ ତାଙ୍କୁ ୨୫ ହଜାର ଟଙ୍କା ମିଳିବାର ଥିଲା। ଗତ ଫେବୃୟାରୀ ୨୬ ତାରିଖରେ ନୟାଗଡ଼ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହିତାଧିକାରୀ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମରେ ତାଙ୍କୁ ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା ଏବଂ ନାମ ମଧ ଡକାଯାଇଥିଲା। ବୈଠକର ମାସେ ପରେ ମଧ ତାଙ୍କ ଆକାଉଣ୍ଟକୁ ଟଙ୍କା ଯାଇ ନାହିଁ। ଫଳରେ କରଜ କରିଥିବା ଟଙ୍କା କିପରି ଶୁଝିବେ ତାକୁ ନେଇ ଚିନ୍ତାରେ ଅଛନ୍ତି ଅନାମ। ଅନାମଙ୍କ ଭଳି ଆଉ କେତେଜଣ ହିତାଧିକାରୀ ସହାୟତା ଅପେକ୍ଷାରେ ଅଛନ୍ତି। ଗମ୍ଭାରିଡ଼ିହି ଗ୍ରାମର ପଦ୍ମନାଭ ରଥ। ଶିକ୍ଷା ବାବଦରେ ତାଙ୍କୁ ଆର୍ଥିକ ସହାୟତା ରାଶି ଦିଆଯାଇଥିବା ନେଇ ସଭାରେ ଘୋଷଣା କରାଯାଇଥିଲା। ହେଲେ ମାସେ ବିତିଯାଇଥିଲେ ବି ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ନନ୍ଦପୁର ଗ୍ରାମର ପ୍ରଦ୍ୟୁମ୍ନ କୁମାର ରଥଙ୍କ ମଧ ସମାନ ଅବସ୍ଥା। ୨ବର୍ଷ ତଳେ ସେ ଜିଲା ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କୁ କୌଣସି ସହାୟତା ମିଳିନାହିଁ। ଏ ନେଇ ସେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିବା କହିଛନ୍ତି। ଏହିଭଳି ଜିଲାର ବିଭିନ୍ନ ସ୍ଥାନରେ ନିର୍ମାଣ ଶ୍ରମିକମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହେଉଛି। ଠିକ୍ ସମୟରେ ଟଙ୍କା ନ ମିଳିବାରୁ ଶ୍ରମିକମାନେ ହଇରାଣ ହେଉଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୨୬ ତାରିଖରେ ହୋଇଥିବା ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକର ଶିକ୍ଷା ସହାୟତା ଯୋଜନାରେ ୫୦୯ଜଣଙ୍କୁ ୨୧,୮୫,୦୦୦ ଟଙ୍କା, ବିବାହ ସହାୟତା ପାଇଁ ୧୫୬ଜଣଙ୍କୁ ୩୮,୯୫,୦୦୦ ଟଙ୍କା, ମୃତ୍ୟୁ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୧୮ଜଣଙ୍କୁ ୧୮,୯୦,୦୦୦ ଟଙ୍କା, ପ୍ରସୂତିକାଳୀନ ସହାୟତା ପାଇଁ ୬୮୮ଜଣଙ୍କୁ ୮୦,୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିବା ନେଇ ଘୋଷଣା କରାଯାଇଥିଲା। କିଛି ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରାଯାଇଥିଲା ବେଳେ ଅନ୍ୟମାନଙ୍କ ଆକାଉଣ୍ଟକୁ ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କା ଆସିନାହିଁ। ଫଳରେ ଜିଲା ଶ୍ରମ କାର୍ଯ୍ୟାଳୟର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠୁଛି। ଏ ନେଇ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଆମ କାର୍ଯ୍ୟାଳୟରୁ ଟଙ୍କା ବ୍ୟାଙ୍କକୁ ପଠାଇ ଦିଆଯାଇଛି। ସେଠାରୁ ହିତାଧିକାରୀଙ୍କ ଆକାଉଣ୍ଟ ଟଙ୍କା ଯାଇ ନ ଥାଇପାରେ ବୋଲି ସଫେଇ ଦେଇଥିଲେ।

**ବୈଠକର ମାସେ ପରେ ମଧ ଆକାଉଣ୍ଟକୁ ଆସିନାହିଁ ଟଙ୍କା**



ଶ୍ରମିକ କାର୍ଡ଼ ସହ ପ୍ରଦ୍ୟୁମ୍ନ କୁମାର ରଥ।



ଅନାମ ପ୍ରଧାନଙ୍କ ସ୍ତ୍ରୀ ଓ ପୁଅ।

# ୨ ମାସ ହେଲା ଜଳଯୋଗାଣ ବନ୍ଦ

■ ଅସୁବିଧା ଭୋଗୁଛନ୍ତି ସାହିବାସୀ



ପାଣି ପାଇଁ ନଳକୂଅ ନିକଟରେ ମହିଳାଙ୍କ ଭିଡ଼।

**ନୟାଗଡ଼ ଅଫିସ,୩୧।୩**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବଡ଼ଗୋରଡ଼ା ଗ୍ରାମ ଦକ୍ଷିଣସାହିକୁ ୨ମାସ ହେଲା ପାଇପ୍ ଯୋଗେ ଜଳଯୋଗାଣ ବନ୍ଦ ରହିଛି। ଫଳରେ ସାହିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ପିଠା କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ୨ମାସ ପୂର୍ବେ ଦକ୍ଷିଣସାହିର ବାରିପଟେ ଯାଇଥିବା ପାଇପ୍ ଫାଟି ପାଣି ଲିକ୍ କରିଥିଲା। ଏହା ପରଠାରୁ ସାହିକୁ ଜଳ ଯୋଗାଣ ବନ୍ଦ କରାଯାଇଥିଲା। ଖରାଦିନ ହୋଇଥିବାବେଳେ ଜଳ ଯୋଗାଣ ବନ୍ଦ ଯୋଗୁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହାକୁ ମରାମତି ପରିବର୍ତ୍ତେ ପାଣି ବନ୍ଦ କରିଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ସମସ୍ୟା ପରେ ଲୋକମାନେ ନଳକୂଅ ଉପରେ ନିର୍ଭର କରି ଚଳୁଛନ୍ତି। ହେଲେ ପିଇବାକୁ ବାଦ୍ ଦେଲେ ୬୦ ପରିବାର ସଦସ୍ୟଙ୍କ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହୋଇପାରୁ ନାହିଁ ବୋଲି ସାହିବାସିନ୍ଦା ମାନିନୀ କୁମାରୀ ଦାସ, ସୁନିତା ବୋରା, ଜୟନ୍ତୀ ପଟ୍ଟନାୟକ, ଅହଲ୍ୟା ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ନିରାକାରପୁର,୩୧।୩(ଡି.ଏନ.ଏ.)**

ନିରାକାରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୬ଷ୍ଠ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ସନ୍ତୋଷ କୁମାର କର, ସମ୍ମାନିତ ଅତିଥି ଭାବେ ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ, ଶିକ୍ଷାବିତ ଅବଧୂତ ଚମ୍ପତି, ପରିଚାଳନା କମିଟି ସମ୍ପାଦକ ଛବିରାମ ପରିଡ଼ା, ସଦସ୍ୟ ଫକୀର ମୋହନ ଧଳ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ବିକାଶ ଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର ମଞ୍ଚ ପରିଚଳନା କରିଥିବାବେଳେ ଶର୍ମିଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ବୈଠକ



ମଞ୍ଚରେ ଯୋଗଦେଇଥିବା ଅତିଥି ଓ ସଦସ୍ୟ।

**ବୋଲଗଡ଼,୩୧।୩(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଟପୁରପୁର ଶାସନ ପଞ୍ଚାୟତ ଖାରଡପଲ୍ଲୀସ୍ଥିତ ମା' ବରଡାଳେଇ ଠାକୁରାଣୀଙ୍କ ପୀଠ ନିକଟରେ ରବିବାର ଭୂମିପୁତ୍ର ସ୍ୱାଭିମାନ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଆଲୋକ ସୁବୁଦ୍ଧିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ମଞ୍ଚ ସଭାପତି ଭିକାରୀ ସାହୁ ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଅକ୍ଷୟ ରଥ, ହରିହର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ନେତା ଚୟନ କରାଯାଇ ପ୍ରାର୍ଥୀ ଦେବାକୁ ଏଠାରେ ଦାବି କରାଯାଇଥିଲା। ଯେଉଁ ଦଳ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବାଦଦେଇ ବାହାର ଅଞ୍ଚଳରୁ ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଦେବେ ମଞ୍ଚ ପକ୍ଷରୁ ଏହାର ଘୋର ବିରୋଧ କରାଯିବ ବୋଲି ବୈଠକରେ କୁହାଯାଇଛି ।

## କାଳବୈଶାଖୀ: ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ବୋଲଗଡ଼,୩୧।୩(ଡି.ଏନ.ଏ.)**

ବୋଲଗଡ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନ ପ୍ରାୟ ସାଢେ ୩ଟାରୁ କାଳବୈଶାଖି ଝଡ଼ବର୍ଷା ତୁହାକୁ ତୁହା ଲାଗିରହିଥିଲା। ପବନ ସହ ବାରମ୍ବାର ବର୍ଷା ଓ ପବନ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିଥିବା ସୂଚନା ମିଳିଛି। ପବନ ଯୋଗୁ ବ୍ଲକ ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା। କେତେକ ସ୍ଥାନରେ ଗଛପଡ଼ି ରାସ୍ତା ବନ୍ଦ ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବଡକୁମାରୀଠାରେ ବରଗଛ ଭାଙ୍ଗି ପଡିଥିବାରୁ ରାଜସୁନାଖଳା, ଧଳାପଥର ରାସ୍ତା ମଧ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି।

## ଦଶପଲ୍ଲାରେ ବିଜେଡିର ଶୋଭାଯାତ୍ରା

**ଦଶପଲ୍ଲା,୩୧।୩ (ଡି.ଏନ.ଏ.)**

ସାଧାରଣ ନିର୍ବାଚନ ଯେତିକି ପାଖେଇଆସୁଛି କନ୍ଧମାଳ ଲୋକ ସଭା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସେତିକି ଉଷ୍ମ ହେବାରେ ଲାଗିଛି। କନ୍ଧମାଳ ଲୋକ ସଭା ଆସନ ପାଇଁ ବିଜେଡି ଅଚ୍ୟୁତ ସାମନ୍ତଙ୍କୁ ପ୍ରାର୍ଥୀ କରିଥିବାବେଳେ ଦଶପଲ୍ଲା ବିଧାନସଭା କ୍ଷେତ୍ର ଲାଗି ଦଳ ରମେଶ ବେହେରାଙ୍କୁ ପ୍ରାର୍ଥୀ କରିଛି। ରବିବାର କର୍ମୀମାନଙ୍କ ସହ ଉଭୟ ପ୍ରାର୍ଥୀଙ୍କ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘୋଳାହାଣ୍ଡିରୁ ବାହାରିଥିବା ଶୋଭାଯାତ୍ରା ଦଶପଲ୍ଲା ମେଳିଆ ତୋଟାଠାରେ ପହଞ୍ଚିଥିଲା। ପୁନର୍ବାର ଦୁର୍ଗାପ୍ରସାଦଠାରୁ ରାଲି ଆରମ୍ଭ ହୋଇ ବାଣିଗୋଛା ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସମୟରେ ଉଭୟ ପ୍ରାର୍ଥୀଙ୍କ ପ୍ରତି ବିପୁଳ ଜନ ସମର୍ଥନ ଦେଖିବାକୁ ମିଳିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଯୁବ ସଂଗଠକ ଦୀପ୍ତି ରଞ୍ଜନ ରଥ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ସାରସ କୁମାର ସାହୁ, ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



ଶୋଭାଯାତ୍ରାରେ ପ୍ରାର୍ଥୀଙ୍କ ସହ ନେତା ଓ କର୍ମୀ।

କଣ୍ଟିଲୋ ପ୍ରିମିୟର ଲିଗ୍

## ଅଶୋକ କିଙ୍ଗ୍ ବିଜୟୀ

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

କଣ୍ଟିଲୋ ବରୁଣେଇ ଯୁବ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ କଣ୍ଟିଲୋ ପ୍ରିମିୟର ଲିଗ୍‌ର(କେପିଏଲ୍) ୨ୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି । ଏଥିରେ ଭାଗ ନେଇଥିବା ୬ଟି ଟିମ୍ ପୂର୍ବାହ୍ନରେ କଣ୍ଟିଲୋ, ବାଣପୁର ଆଦି ଅଞ୍ଚଳକୁ ବାଇକ୍ ରାଲି କରି କଣ୍ଟିଲୋ ପଲ୍‌ଟନ ପଡିଆଠାରେ ପହଞ୍ଚିଥିଲେ । କେଦାର ନାଇଟ୍ ରାଇଡର୍ ଟିମ୍ ଏବଂ ଅଶୋକ କିଙ୍ଗ୍ ଦଳ ପଡିଆ ମଧ୍ୟକୁ ପ୍ରବେଶ କରିବା ପରେ ମୁଖ୍ୟଅତିଥି ଭାବେ ଭୀମସେନ ସାହୁ ଓ ସମ୍ମାନିତ ଅତିଥି ଭାବେ ଇନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ପ୍ରଥମେ ଟସ୍ ଜିତି କେଦାର ନାଇଟ୍ ରାଇଡର୍ ଅପର ଟିମକୁ ବ୍ୟାଟିଂ ପାଇଁ ଆହ୍ୱାନ କରିଥିଲେ। ଅଶୋକ କିଙ୍ଗ୍ ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୦ ରନ ସଂଗ୍ରହ କରିଥିଲା । ଜବାବରେ କେଦାର ନାଇଟ ରାଇଡର୍ ୧୫ ଓଭରରେ ମାତ୍ର ୯୫ ରନ୍ ସଂଗ୍ରହ କରିଥିଲା । ଫଳରେ ଅଶୋକ କିଙ୍ଗ୍ ୩୫ ରନ୍‌ରେ ବିଜୟୀ ହୋଇଥିଲା । ବିଜୟୀ ଦଳର ଅଖିଳ କୁମାର ଖଟୁଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ଅଶୋକ କୁମାର ବାରିକ ଓ ଲିପୁନ ମିଶ୍ର ପରିଚାଳନା କରିଥିଲେ । ସୋମବାର ମ୍ୟାଚ୍ ଲିପୁ ସୁପରଷ୍ଟ୍ରାଇକର ଏବଂ ଓମ୍ ସୁପର କିଙ୍ଗ ଦଳ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।





ଖେଳାଳିଙ୍କ ବାଇକ୍ ରାଲି।

# ପାଠାଗାର ପୁନରୁଦ୍ଧାର ହେଲେ ଓଡ଼ିଆ ସାହିତ୍ୟର ଉନ୍ନତି ହେବ

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

ଗ୍ରାମଗୁଡ଼ିକରେ ପୂର୍ବରୁ ରହିଥିବା ପାଠାଗାର ଜାଗାରେ ସମ୍ପ୍ରତି କ୍ଲବ୍‌ଗୃହମାନ ଗଢ଼ିଉଠିଛି। ଆଧୁନିକ ସଭ୍ୟତାର ଦ୍ୱାହି ଦେଇ ଏବେ ଲୋକେ ତଥା ଯୁବପିଢ଼ୀ କାର୍ଯ୍ୟବ୍ୟସ୍ତ ରହି ପାଠାଗାରରେ ବସି ବିଭିନ୍ନ ପାଠ୍ୟପୁସ୍ତକ ସଂପର୍କରେ ଆଲୋଚନା କରିବା, ସାହିତ୍ୟ ଚର୍ଚ୍ଚା କରିବା କିମ୍ବା ବହି ପଢ଼ିବାକୁ ଆଉ ସମୟ ପାଉ ନ ଥିବା କୁହାଯାଉଛି। ଯେତେ ସବୁ ଧାର୍ମିକ ଅନୁଷ୍ଠାନ ରହିଛି ସେମାନେ ଏଥିରେ ସହଯୋଗ କରିବା ଆବଶ୍ୟକ। ପାଠାଗାରର ପୁନରୁଦ୍ଧାର କରି ସେଠାରେ ବିଭିନ୍ନ ପାଠ୍ୟପୁସ୍ତକ ରଖା ଯାଇପାରିଲେ ଲେଖକ, କବିମାନଙ୍କର ଲେଖା ପଢିବା ପାଇଁ ଲୋକଙ୍କୁ ଆକୃଷ୍ଟ କରାଯାଇପାରନ୍ତା। ଏହାଦ୍ୱାରା ଓଡିଆ ସାହିତ୍ୟ, ସଂସ୍କୃତିର ଉନ୍ନତି ହୋଇପାରିବ। ଖଣ୍ଡପଡ଼ା ସହରାଞ୍ଚଳ ଉପକଣ୍ଠ ମା' ଉମାଦେଈ ମନ୍ଦିର ପରିସରରେ ପୂଜ୍ୟପୂଜା ଓଡିଶା (ଭୁବନେଶ୍ୱର)ପକ୍ଷରୁ ଆୟୋଜିତ ଏକ ସାରସ୍ୱତ ଉତ୍ସବରେ ଏଭଳି ମତ ପ୍ରକାଶ ପାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ପ୍ରଶାସକ ପ୍ରଭାତ କୁମାର ନନ୍ଦ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା କବି ନୀଳକଣ୍ଠ ପଟ୍ଟନାୟକଙ୍କ ଦ୍ୱାରା ରଚିତ 'ଚେତନାର ଭାବଭଙ୍ଗୀ' ଓ 'ଆତ୍ମାର ପରିପ୍ରକାଶ' ନାମକ ଦୁଇଟି ପୁସ୍ତକ ଉନ୍ମୋଚନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ବକ୍ତା ଭାବେ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ.ଭାରତ ଭୂଷଣ ରଥ ଏବଂ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ବିଶିଷ୍ଟ ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ, ନୀଳମାଧବ ମହାବିଦ୍ୟାଳୟ ଅଧ୍ୟାପକ ଦୀନବନ୍ଧୁ ନାୟକ ଓ ସମୀକ୍ଷକ ଭାବେ ଭୁବନେଶ୍ୱର ଡିଏଭି ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ଡ. ଆରତୀ କର, ଶିଶୁ ବକ୍ତା ରୁପାଲୀ ସାହୁ, ଅଧ୍ୟାପକ ଦୀନବନ୍ଧୁ ନାୟକ, ଜଗଦୀଶ ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂଜ୍ୟପୂଜା ସମ୍ପାଦକ ରମାକାନ୍ତ ମିଶ୍ର ଉତ୍ସବର ସଂଯୋଜନା କରିଥିଲେ ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

**ପୁସ୍ତକ ଉନ୍ମୋଚନ ଉତ୍ସବ**